# ଭଞ୍ଜପ୍ରଦୀପ

ପୌଷ, ସନ ୧୩୪୬ ସାଲ



Digitized by srujanika@gmail.com

# ଭଞ୍ଜ ପ୍ରଦୀପ

ଚତୁର୍ଦ୍ଦଶ ଭାଗ ୨ୟ ସଂଖ୍ୟା

## ସୂଚୀ-ପତ୍ର


| | | | ପୃଷ୍ଠା |
|---|---|---|---|
| ୧ । | ହିନ୍ଦୁ ସଂସ୍କୃତି | ଗୌରୀଶଙ୍କର ରାୟ | ୧ |
| | ମହାଭାରତର ରାଜନୀତି | କାଳିଅ ପାଣିଗ୍ରାହୀ | ୫ |
| ୩ । | ଦୁନିଆ ଖାତା ଏ | ରାୟ ବାହାଦୁର ଗୋପାଳ ଚନ୍ଦ୍ର ପ୍ରହରାଜ | ୧୦ |
| | ନଷ୍ଟ ନୀଡ଼ | ଡାକ୍ତର ମାୟାଧର ମାନସିଂହ | ୧୨ |
| ୫ | ପଥିକର ପଦାବଳୀ | ଧୂର୍ଜଟୀ | ୧୩ |
| । | ସ୍ୱର୍ଣ୍ଣରେଣୁ | ବସନ୍ତ କୁମାର ଶତପଥୀ | ୧୪ |
| । | ନୀଡ଼ ଅନ୍ୱେଷଣ | ମହେଶ୍ୱର ନାୟକ | ୧୭ |
| ୮ | ଦେଶୀ ରାଜ୍ୟ ସମାଚାର | | ୧୮ |
| ୯ | ସମ୍ବାଦ ଓ ସଙ୍କେତ | | ୧୯ |


## ଚିତ୍ର-ସୂଚୀ


| | ପୃଷ୍ଠାଙ୍କ |
|---|---|
| ପ୍ରକୃତିର କାରିଗରି | |



## MAYURBHANJ STATE GAZETTE

PUBLISHED FORTNIGHTLY

*Subscription*—Annual Rs. 3/

Single Copy As. 3/-

EXTRA CHARGES FOR EXTRAORDINARY ISSUES

Postage Extra.

## MAYURBHANJ LAW REPORTER

Report of cases of the High Court of Mayurbhanj published quarterly in Sept., Dec., March & June.

*Subscriptions*—Annual Rs. 3/-

Single Copy As. 12/-

Postage Extra

## IMPORTANT STATE PUBLICATIONS

| | Rs. | A. | P. |
|---|---|---|---|
| Mayurbhanj Service Regulations | 2 | 0 | 0 |
| Account Code | 2 | 8 | 0 |
| P. W. D. Code | 2 | 0 | 0 |
| Audit Manual | 2 | 0 | 0 |
| Income-Tax Rules | 2 | 0 | 0 |
| Provident Fund Rules | 0 | 1 | 0 |
| Annual Reports | 2 | 8 | 0 |

POSTAGE EXTRA

*For particulars*

*Apply to*—

**The MANAGER**

STATE PRESS, BARIPADA.


Digitized by srujanika@gmail.com

# ଭଞ୍ଜପ୍ରଦୀପ

ସମ୍ପାଦକ—ଶ୍ରୀ ବସନ୍ତ କୁମାର ଶତପଥୀ

ଚତୁର୍ଦ୍ଦଶ ଭାଗ | ପୌଷ, ସନ ୧୩୫୨ ସାଲ | ୨ୟ ସଂଖ୍ୟା

## ହିନ୍ଦୁ ସଂସ୍କୃତି*

ଶ୍ରୀ ଗିରିଜାଶଙ୍କର ରାୟ

ଆମ୍ଭେମାନେ ନିଜକୁ ହିନ୍ଦୁ ବୋଲି କହୁଁ; ଅହିନ୍ଦୁମାନଙ୍କୁ ପୃଥକ୍ ବୋଲି ଜ୍ଞାନକରି ସେମାନଙ୍କ ସହିତ କୌଣସି ବ୍ୟବହାରଗତ ସମ୍ପର୍କ ରଖିବାକୁ କୁଣ୍ଠିତ ହେଉଁ । ଆମ୍ଭମାନଙ୍କର ସଂସ୍କାର ସେମାନଙ୍କ ଠାରୁ ଭିନ୍ନ ବୋଲି ବିଚାର କରି ଦଳବଦ୍ଧ ଭାବରେ ନିଜର ସ୍ୱାର୍ଥସଂରକ୍ଷଣ ନିମନ୍ତେ ସଂଗଠିତ ହେଉଁ । ଏହି ସବୁ କାରଣରୁ ହିନ୍ଦୁ-ସଂସ୍କୃତିର ମୂଳତତ୍ତ୍ୱ ଜାଣିବା ନିମନ୍ତେ ଓ ଭବିଷ୍ୟତ ବଂଶଧରମାନଙ୍କ ମନରେ ହିନ୍ଦୁ ଧର୍ମ ପ୍ରତି ଶ୍ରଦ୍ଧା, ହିନ୍ଦୁ ସଂସ୍କୃତି ପ୍ରତି ଅନୁରାଗ ଜାଗରିତ କରିବା ନିମନ୍ତେ ଆମ୍ଭେମାନେ ସତତ ବ୍ୟଗ୍ର ଏବଂ ଉତ୍କଣ୍ଠିତ ।

ସଂସ୍କାର ଶବ୍ଦର ଅର୍ଥ ବଦ୍ଧମୂଳ ଧାରଣା, ଏହି ବଦ୍ଧମୂଳ ଧାରଣାର ଏକମୁଖୀ ପ୍ରକାଶ ଆମ୍ଭମାନଙ୍କର ଜୀବନକୁ ନିୟନ୍ତ୍ରିତ କରେ, ଆମ୍ଭମାନଙ୍କର ପ୍ରତ୍ୟେକ କାର୍ଯ୍ୟ ପ୍ରତ୍ୟେକ ପ୍ରଚେଷ୍ଟା ମଧ୍ୟରେ ଅଭିବ୍ୟକ୍ତ କରି ଜୀବନକୁ ଭିନ୍ନ ଭିନ୍ନ ଦିଗରେ ପରିଚାଳିତ କରେ । ଯେତେବେଳେ ଆର୍ଯ୍ୟମାନେ ନାନା ସ୍ଥାନର ସଭ୍ୟତାର ସମ୍ମୁଖୀନ ହୋଇ, ନାନା ମତବାଦର ସଂଘାତ ଦ୍ୱାରା ପୁଷ୍ଟ ଓ ବଳୀୟାନ ହୋଇ ଭାରତରେ ଉପସ୍ଥିତ ହେଲେ ସେତେବେଳେ ସେମାନଙ୍କ ମଧ୍ୟରେ ଏହି ସଂସ୍କାର ବଦ୍ଧମୂଳ ହୋଇ ନ ଥିଲା । ଭାରତରେ ବାସ କରିବା ସମୟରେ ସେମାନଙ୍କ ମନରେ ଜ୍ଞାନର ନୂତନ ସ୍ଫୁରଣ ଆରମ୍ଭ ହେଲା । ପ୍ରକୃତିର ବିଶ୍ଳେଷଣରେ ସେମାନେ ପ୍ରବୃତ୍ତ ହେଲେ, ନାନା ନୂତନ ତଥ୍ୟକୁ ଅଧିଗତ କରି, ନାନା ଆଦର୍ଶରେ ଅନୁପ୍ରାଣିତ ହୋଇ, ନାନା ଜୀବନ ଦର୍ଶନକୁ ନାନା ଦିଗରୁ ବିଚାର କରି, ନାନା ପ୍ରକାରରେ ମନୁଷ୍ୟ ଜୀବନକୁ ବିଶ୍ଳେଷଣ କରି ମନକୁ ସମୃଦ୍ଧ କରି ସେମାନେ ନିଜର ସଂସ୍କୃତି, ନିଜର ବିଶେଷତ୍ୱ ଗଠନ କରି ପାରିଥିଲେ ଓ ସମାଜରେ ଏକ ନୂତନ ଆଦର୍ଶରେ ପ୍ରତିଷ୍ଠା କରି ଶାଶ୍ୱତ ବସ୍ତୁର ସନ୍ଧାନ ଦେଇ ପାରିଥିଲେ । ଆଜି ସେହି ସଂସ୍କୃତିର ଦାୟାଦ ସ୍ୱରୂପ ଆମ୍ଭେମାନେ ନିଜର ଜୀବନକୁ ଧନ୍ୟ ଓ ଗୌରବାନ୍ୱିତ ମନେ କରୁଅଛୁଁ ଓ ସଂସାରର ଦୁଃଖ କ୍ଳେଶ ଦୈନ୍ୟ ମଧ୍ୟରେ ଆନନ୍ଦ ଓ ସାନ୍ତ୍ୱନା ଲାଭ କରୁଅଛୁଁ । ସେହି ସଂସ୍କୃତି ଯେ ଅମୃତତ୍ୱର ସୋପାନ ସେଥିରେ ଆମ୍ଭମାନଙ୍କର ସନ୍ଦେହ ନାହିଁ । ସନାତନ ସୁଖ ଯେ ସେହି ସଂସ୍କୃତି ବଳରେ ସହଜ ଲଭ୍ୟ ହେବ ଏହାହିଁ ଆମ୍ଭମାନଙ୍କ ଧାରଣା । ବର୍ତ୍ତମାନ ଜଗତର ନାନା ଅନର୍ଥ ମଧ୍ୟରେ ସେହି ସଂସ୍କାର ଯେ ଆନନ୍ଦର ପ୍ରତିଷ୍ଠା କରି ପାରିବ, ବର୍ତ୍ତମାନ ଜଗତର ନାନା ଦ୍ୱନ୍ଦ୍ୱର

* ପୁସ ଚନ୍ଦ୍ରଶେଖର ମନ୍ଦିରରେ ଅକ୍ଟୋବର ୧୯ ତାରିଖରେ ପଠିତ ପ୍ରବନ୍ଧ ।

Digitized by srujanika@gmail.com

ସମାଧାନ କରି ପାରିବ ସେଥିରେ ଆମ୍ଭେମାନେ ନିଃସନ୍ଦେହ । ଏଣୁ ଏହି ସଂସ୍କାର ମୂଳ ଭିତ୍ତିର ଆଲୋଚନା ସର୍ବଥା ପ୍ରୟୋଜନ ଓ ହିନ୍ଦୁ ଧର୍ମର ପୀଠସ୍ଥାନରେ ଏପରି ଆଲୋଚନା ମଧ୍ୟ ସର୍ବଥା ସମୀଚୀନ ।

ସଂସ୍କାରର ଅର୍ଥ ବଦ୍ଧମୂଳ ଧାରଣା. କିନ୍ତୁ ବର୍ତ୍ତମାନ ଯାହା ବଦ୍ଧମୂଳ ବୋଲି ମନେ ହେଉଅଛି ତାହାର ମୂଳର ଅନୁସନ୍ଧାନ କରି, ସମ୍ୟକ୍ ପରିଚୟ ଦେଇ ଅବାନ୍ତର ବିଷୟମାନଙ୍କ ଠାରୁ ତାକୁ ପୃଥକ୍ କରି ଦେଖିବାକୁ ହେବ । ସାଧାରଣତଃ ମନେ-କରାଯାଏ ଯେ ହିନ୍ଦୁର ଆଚାର ଓ ହିନ୍ଦୁର ସଂସ୍କାର ଏକ ପଦାର୍ଥ, ଅନ୍ତତଃ ହିନ୍ଦୁର ସଂସ୍କାର ଯେ କେବଳ ନିୟମାନୁଗତ ବିଧି ନିଷେଧ କୀର୍ଣ୍ଣ ଆଚାର ପରିପାଳନ ମାତ୍ର ଉପରେ ପ୍ରତିଷ୍ଠିତ ସାଧାରଣତଃ ଏହାହିଁ ମନେ କରାଯାଏ । କିନ୍ତୁ ଏହା ଯଥାର୍ଥ ନୁହେ । ହିନ୍ଦୁ ଧର୍ମ ବୋଇଲେ ବର୍ତ୍ତମାନ ଏକ ବିରାଟ ଅସ୍ଥିରମତବାଦ ମାତ୍ର ବୁଝାଏ । ନାନା ପ୍ରକାର ଆଚାର, ନାନା ପ୍ରକାର ଦର୍ଶନ, ନାନା ବିଭିନ୍ନ ଶାସ୍ତ୍ର, ନାନା ପରସ୍ପର ବିରୋଧୀ ମତବାଦମାନଙ୍କର ସମନ୍ୱୟ ଉପରେ ହିନ୍ଦୁ ଧର୍ମ ପ୍ରତିଷ୍ଠିତ । ଏଣୁ ଏହାର ତତ୍ତ୍ୱ ନିରୂପଣ କରିବା ଏକାନ୍ତ ଦୁରୂହ ବ୍ୟାପାର, ଏପରି କି ହିନ୍ଦୁ ଧର୍ମର ମୂଳଭିତ୍ତି ସ୍ୱରୂପ ଆଦିଗ୍ରନ୍ଥ ବେଦର ସଂହିତା ଭାଗର ମଧ୍ୟ ପ୍ରକୃତ ଅର୍ଥ ବର୍ତ୍ତମାନ ସ୍ୱୀକୃତ ହୋଇନାହିଁ; ସାୟନ, ଶଙ୍କର, ଦୟାନନ୍ଦ ପ୍ରଭୃତି ନିଜର ପାଣ୍ଡିତ୍ୟ ଦ୍ୱାରା ଆମ୍ଭମାନଙ୍କର ମନକୁ ଆଚ୍ଛନ୍ନ କରି ଦେଇ ଅଛନ୍ତି ମାତ୍ର । ବେଦ ସହିତ ବେଦାନ୍ତ, ବେଦାନ୍ତ ସହିତ ଉପନିଷଦ୍ ଉପନିଷଦ୍ ସହିତ ଅନ୍ୟାନ୍ୟ ଦର୍ଶନର ସମନ୍ୱୟ ସାଧନ କରି ହିନ୍ଦୁ ଧର୍ମର ମୂଳତଥ୍ୟକୁ ଆୟତ୍ତ କରିବା ଅତ୍ୟନ୍ତ ଆୟାସସାଧ୍ୟ, ହିନ୍ଦୁ ଧର୍ମ ନାନା ଶାସ୍ତ୍ର, ନାନା କୌଳିକ ବିଧି, ନାନା ବିଭ୍ରାନ୍ତକାରୀ ମତବାଦକୁ ଅବଲମ୍ବନ କରି ଅଗ୍ରସର ହୋଇଅଛି । ନିଜର ଉଦାରତା ବଳରେ ଅନ୍ୟାନ୍ୟ ବିରୁଦ୍ଧ ମତର ସାରକୁ ନିଜସ୍ୱ କରି ଅଙ୍ଗୀଭୂତ କରି ନିଜକୁ ସମୃଦ୍ଧ କରି ପାରିଅଛି ଓ ଜଗତର ହିତ ନିମନ୍ତେ ବିଭିନ୍ନ ଧର୍ମର ତତ୍ତ୍ୱକୁ ଆଲିଙ୍ଗନ କରି ଅଭିବୃଦ୍ଧ ମଧ୍ୟ ହୋଇ ପାରିଅଛି । କେବଳ ଆଚାରସର୍ବସ୍ୱ ଅନ୍ତଃସାରଶୂନ୍ୟ ବାହ୍ୟାଡମ୍ବର ପରିପୂର୍ଣ୍ଣ ଧର୍ମ ଉପରେ ଯଦି ହିନ୍ଦୁ ସଂସ୍କାରର ପ୍ରତିଷ୍ଠା ହୋଇଥାନ୍ତା ତେବେ ଆମ୍ଭେମାନେ ବର୍ତ୍ତମାନ କେବଳ କେତେକ କ୍ରିୟା କାଣ୍ଡ ମାତ୍ର ଅବଲମ୍ବନ କରି ନିଜକୁ ଧନ୍ୟ ମନେ କରୁଥାନ୍ତୁ ଓ ହିନ୍ଦୁର ନାମ କେବଳ ଆଚାରସର୍ବସ୍ୱ ଆଡ଼ମ୍ବରପୂର୍ଣ୍ଣ ଜାତି ବୋଲି ସଂସାରରେ ପରିଚିତ ହୋଇଥାନ୍ତା । କିନ୍ତୁ ବାସ୍ତବରେ ହିନ୍ଦୁର ସଂସ୍କାର ଏହିପରି ଧର୍ମ ଉପରେ ପ୍ରତିଷ୍ଠିତ ନୁହେଁ, ହିନ୍ଦୁ ଧର୍ମର ମତବାଦମାନ ସଂସ୍କାର ସହିତ ଜଡ଼ିତ ଥିଲେ ସୁଦ୍ଧା ହିନ୍ଦୁର ସଂସ୍କାର ଯେ ତାହାଠାରୁ ବୃହତ ତାହା ସହଜରେ ଅନୁମିତ ହୋଇପାରେ । ହିନ୍ଦୁର ସଂସ୍କାର ତାହାର ପ୍ରତ୍ୟେକ ଚିନ୍ତାରେ ତାହାର ଦୃଷ୍ଟିରେ, ତାହାର ଅନୁଭୂତିରେ, ତାହାର ଆଦର୍ଶରେ ତାହାର କର୍ମର ଅଭିମୁଖ୍ୟରେ ଓ ଜ୍ଞାନର ବିକାଶରେ ସତତ ଦେଦୀପ୍ୟମାନ ଓ ତାହାର ଜୀବନର ପ୍ରତ୍ୟେକ ବିଭାଗରେ ଏହି ସଂସ୍କୃତିର ପରିଚୟ ଓ ପ୍ରଭାବ ଆମ୍ଭେମାନେ ପାଇ ପାରୁଁ । ହିନ୍ଦୁର ଏହି ସଂସ୍କାର ବାସ୍ତବରେ ଜ୍ଞାନର ଭିତ୍ତି ଉପରେ ସ୍ଥାପିତ, ଦୁଃଖ ତାପ ମଧ୍ୟରେ ଆମ୍ଭମାନଙ୍କୁ ଧାରଣ କରିବାକୁ କ୍ଷମ, ହୃଦୟର ସନ୍ତାପାଦିରୁ ମୁକ୍ତ କରିବା ନିମନ୍ତେ ପାରଗ, ଜ୍ୟୋତିର୍ମୟ ସଞ୍ଜୀବନ ବସ୍ତୁର ଚିନ୍ତାରେ ଅହରହ ନିବଦ୍ଧ ଧର୍ମ ଉପରେ ପ୍ରତିଷ୍ଠିତ ।

ସ୍ଥୂଳରେ ହିନ୍ଦୁମାନଙ୍କ ମନରେ ଅମୃତର ସନ୍ଧାନ କରିବାର ଇଚ୍ଛା ବଳବତୀ ଥିଲା, କଣ କଲେ ଆମ୍ଭେମାନେ ମୃତ୍ୟୁକୁ ଜୟ କରି ପାରିବୁଁ, ମରଜଗତରେ ଅମରତ୍ୱ ଲାଭ କରି ପାରିବୁଁ, କି କାର୍ଯ୍ୟ ସାଧନ କଲେ ଆମ୍ଭେମାନେ ନିଜକୁ ଅମୃତର ପୁତ୍ର ବୋଲି ପରିଚୟ ଦେଇ ପାରିବୁଁ ତାହାହିଁ ସେମାନଙ୍କର ଏକମାତ୍ର ବିଚାର୍ଯ୍ୟ ବିଷୟ ଥିଲା । ଅନନ୍ତ ଶକ୍ତିମାନ ବିରାଟ ପୁରୁଷର ସନ୍ଧାନ ପାଇ, ନିଜର କ୍ଷୁଦ୍ରତ୍ୱକୁ ଉପଲବ୍ଧି କରି ପ୍ରଥମରୁ ଜନ୍ମ-ମରଣକୁ ଅତିକ୍ରମ କରି ଅନନ୍ତ ଶକ୍ତିର ଉତ୍ସ ପରମାତ୍ମାଙ୍କ ସହିତ ନିଜର ଯୋଗ ସାଧନ କରିବା ନିମନ୍ତେ ହିନ୍ଦୁମାନେ ସତତ ବ୍ୟସ୍ତ ଓ ଉତ୍କଣ୍ଠିତ ହୋଇଥିଲେ, ଯାହାଙ୍କ ଦ୍ୱାରା ଆମ୍ଭମାନଙ୍କର ମନ ଜ୍ଞାନରଶ୍ମି ଦ୍ୱାରା ଆଲୋକିତ ହୋଇଅଛି ତାଙ୍କର ଚିନ୍ତାରେ ସେମାନେ ଅହରହ ନିମଗ୍ନ ଥିଲେ; ଜ୍ଞାନର ଆରାଧନା ଦ୍ୱାରା, ଭକ୍ତିର ଉନ୍ମାଦନା ଦ୍ୱାରା, କର୍ମର ପ୍ରେରଣା ଦ୍ୱାରା ପରମାତ୍ମାଙ୍କ ସହିତ ଯୋଗ ସଂସ୍ଥାପିତ କରିବାର ପ୍ରୟାସ କରିଥିଲେ । ପ୍ରଥମରୁ ସେମାନେ ବୁଝିଥିଲେ ଯେ ଦିବ୍ୟଜ୍ଞାନ ନ ପାଇଲେ ଜ୍ଞାନାଗ୍ନି ଦ୍ୱାରା କର୍ମକୁ ଭସ୍ମସାତ୍ ନ କରି ପାରିଲେ ଅନନ୍ତ ଜ୍ଞାନର ଅଧିକାରୀ ହୋଇ କର୍ମର ପରିସମାପ୍ତି ଘଟାଇ ନ ପାରିଲେ ମନୁଷ୍ୟ କେବେହେଁ ଅମରତ୍ୱ ଲାଭ କରି ପାରିବ ନାହିଁ । ଅନନ୍ତ ଜ୍ଞାନର ଅଧିକାରୀ ହେବା ନିମନ୍ତେ ଅସୀମ ଅଧୀରତା ହିନ୍ଦୁ ସଂସ୍କାରର ପ୍ରଥମ ଓ ପ୍ରଧାନ ଭିତ୍ତି । ଜ୍ଞାନଦ୍ୱାରା ସେମାନେ ଯେଉଁ ନିର୍ମଳ ଅବିମିଶ୍ର ଆନନ୍ଦ ଲାଭ କରିବାକୁ କ୍ଷମ ହୋଇ ଥିଲେ ସେଥିରେ ଦୁଃଖ କ୍ଳେଶ ଦୈନ୍ୟ ଆଦି ପରାଭୂତ ହୋଇ ଯାଇଥିଲା । ହିନ୍ଦୁମାନେ ବିମଳ ଜ୍ଞାନ ଲାଭ କରି, ଜଡ଼ ଓ ଚୈତନ୍ୟ ମଧ୍ୟରେ ଐକ୍ୟ ସମ୍ପାଦନ କରି, ନିଜ ଜୀବନରେ ଭଗବତ୍ ସାନ୍ନିଧ୍ୟ ଲାଭ କରି ସଂସାରର ଅନିତ୍ୟତ୍ୱକୁ ଜୟ କରି ଆତ୍ମାର ଅମୃତତ୍ୱ କଳ୍ପନା କରି ପାରିଥିଲେ । ସେହି ନିତ୍ୟ ଜ୍ଞାନର ଉଦ୍ଦୀପନା ସନାତନ ହିନ୍ଦୁ ଧର୍ମର ମୂଳ ଆଧାର, ତାହାହିଁ ହିନ୍ଦୁର ସଂସ୍କାରର ମୂଳମନ୍ତ୍ର, ସେହି ସଂସ୍କାରହିଁ ନାନା ପ୍ରାକୃତିକ, ଧର୍ମଗତ, ରାଷ୍ଟ୍ରଗତ ଘାତପ୍ରତିଘାତ ମଧ୍ୟରେ ହିନ୍ଦୁକୁ ଉଜ୍ଜୀବିତ ରଖି ପାରିଅଛି । ସେହି ସଂସ୍କାରହିଁ ହିନ୍ଦୁର ଜୀବନକୁ ସର୍ବଦା ନିୟନ୍ତ୍ରିତ କରି ପୃଥିବୀରେ ହିନ୍ଦୁର ମହତ୍ତ୍ୱ ରକ୍ଷା କରି ପାରିଅଛି । ସଂସାରର ଦୁଃଖାନୁଭୂତି ଯେ ଅଜ୍ଞାନର ନାମାନ୍ତର, ଜ୍ଞାନୀ ଯେ ଅପାର ଆନନ୍ଦର ଅଧିକାରୀ ଅମୃତର ସନ୍ତାନ, ଜ୍ଞାନବାନ ଯେ ଜନ୍ମ ମୃତ୍ୟୁକୁ ଅତିକ୍ରମ କରିବାକୁ ସମର୍ଥ ଏହା ଯଦି ଆମ୍ଭେମାନେ ଉପଲବ୍ଧି ନ କରି ପାରିବା ତେବେ ହିନ୍ଦୁ ସଂସ୍କାରର ମୂଳମନ୍ତ୍ର ମଧ୍ୟ ଆମ୍ଭମାନଙ୍କର ଅଗୋଚର ରହିଯିବ ।



Digitized by srujanika@gmail.com

ପାଶ୍ଚାତ୍ୟ ଦେଶରେ ମଧ୍ୟ ଏହି ଜ୍ଞାନର ଉପାସନା ଅଛି । ହିନ୍ଦୁମାନେ ଯେପରି ଜ୍ଞାନଦ୍ୱାରା ଇନ୍ଦ୍ରିୟ ଗ୍ରାହ୍ୟ ବାସ୍ତବ ଜଗତକୁ ଅତିକ୍ରମ କରି ପାରୁଥିଲେ ପାଶ୍ଚାତ୍ୟ ମନୀଷୀମାନେ ମଧ୍ୟ ଏହିପରି ଜ୍ଞାନର ଉପାସନାଦ୍ୱାରା ରୋଗ, ଜରା ମୃତ୍ୟୁକୁ ଆୟତ୍ତ କରିବାକୁ ପ୍ରୟାସୀ; ଜ୍ଞାନର ପିପାସା, ଜ୍ଞାନଲାଭ ନିମନ୍ତେ ଉନ୍ମାଦନା ଓ ଅସୀମ ବ୍ୟଗ୍ରତା, ଜ୍ଞାନର ସାଧନାରେ ତନ୍ମୟତା ଉଭୟଙ୍କ ଏକ, ଉଭୟଙ୍କ ଜ୍ଞାନର ସାଧକମାନେ ସମାହିତ ଭାବରେ ଜ୍ଞାନର ଅନ୍ୱେଷଣରେ ବ୍ୟସ୍ତ, ଉଭୟଙ୍କ ମହାମନୀଷୀମାନେ ସଂସାରରେ ମନୁଷ୍ୟତ୍ୱର ଗୌରବ ପ୍ରତିଷ୍ଠିତ କରିବା ନିମନ୍ତେ ସଚେଷ୍ଟ । କିନ୍ତୁ ହିନ୍ଦୁ ଓ ପାଶ୍ଚାତ୍ୟ ଜ୍ଞାନର ସାଧନା ଏକ ପ୍ରକାରର ହେଲେହେଁ ସେମାନଙ୍କର ଉଦ୍ଦେଶ୍ୟ ପୃଥକ୍ । ପାଶ୍ଚାତ୍ୟ ମନୀଷୀମାନେ ଜ୍ଞାନର ଉପାସନା କରନ୍ତି ଜଡ଼ ଜଗତ ଉପରେ ଶକ୍ତିର ଅଧିକାରୀ ହେବା ନିମନ୍ତେ, ପ୍ରକୃତିକୁ ଆୟତ୍ତ କରି ଭୋଗ ସ୍ପୃହା ଚରିତାର୍ଥ କରିବା ନିମନ୍ତେ; ହିନ୍ଦୁମାନେ ଜ୍ଞାନର ଉପାସନା କରନ୍ତି ଜୀବନରେ ସତ୍ୟ ଶିବ ସୁନ୍ଦରର ପ୍ରତିଷ୍ଠା କରିବା ନିମନ୍ତେ, ଭୋଗ ମଧ୍ୟରେ ତ୍ୟାଗର ମହିମା ପ୍ରଚାର କରିବା ନିମନ୍ତେ । ଯାହା କ୍ଷଣିକ ସୁଖ ଦିଏ ତାହା ହିନ୍ଦୁ ସାଧକକୁ ସନ୍ତୁଷ୍ଟ କରି ପାରେ ନାହିଁ, ସେ ଅମରତ୍ୱର ପ୍ରୟାସୀ ତାହାର କ୍ଷୁଦ୍ର ଆନନ୍ଦ, କ୍ଷୁଦ୍ର ଶକ୍ତି, କ୍ଷୁଦ୍ର ବୈଭବର ପ୍ରୟୋଜନ ନାହିଁ । ଆମ୍ଭେମାନେ ଯେତେବେଳେ କ୍ଷୁଦ୍ର ଅସ୍ଥାୟୀ ଆନନ୍ଦକୁ ଅନୁସରଣ କରି ଅସୀମ ଚିରନ୍ତନ ସତ୍ୟକୁ ଭୁଲି ଯିବାକୁ ବସୁଁ ଅସାର ବସ୍ତୁଦ୍ୱାରା ଆକୃଷ୍ଟ ହୋଇ ମୋହାବିଷ୍ଟ ମନରେ ଜଗତର କ୍ଷଣିକ ସୁଖ ଦୁଃଖ ଦ୍ୱାରା ଅଭିଭୂତ ହୋଇ ପଡୁଁ, ସେତେବେଳେ ଆମ୍ଭେମାନେ ହିନ୍ଦୁ ସଂସ୍କାରକୁ ଭୁଲିଯାଇ ପାଶ୍ଚାତ୍ୟ ଭାବମାନଙ୍କର ପ୍ରରୋଚନାରେ ପାଶ୍ଚାତ୍ୟ ସଂସ୍କାରର ବଶବର୍ତ୍ତୀ ହୋଇ ପଡ଼ୁ । ହିନ୍ଦୁର ସଂସ୍କାର ମଧ୍ୟରେ ଏହି ସତ୍ୟ ଶିବ ସୁନ୍ଦରର ସାଧନା ଏକ ବିଶିଷ୍ଟସ୍ଥାନ ଅଧିକାର କରିଥିଲା । ସତ୍ୟକୁ ଉପଲବ୍ଧି କରିବାକୁ ଯାଇ ହିନ୍ଦୁମାନେ ବୁଝି ପାରିଥିଲେ ଯେ ବ୍ରହ୍ମହିଁ କେବଳ ସତ୍ୟ, ଜଗତ ମିଥ୍ୟା ଓ ମାୟାରୁ ଉଦ୍ଭୂତ । ସେମାନେ ବୁଝି ପାରିଥିଲେ ଯେ ମନ ମଧ୍ୟରେ ଏହି ବିରାଟ ପୁରୁଷର ଯଥାଯଥ ଧାରଣା କରି ପାରିଲେ ସେମାନଙ୍କର କେବେହେଁ ମୋହ ଉପସ୍ଥିତ ହୋଇ ପାରିବ ନାହିଁ—ସ୍ଥିତ୍ୱା-ସ୍ୟାମନ୍ତକାଳେଽପି ବ୍ରହ୍ମନିର୍ବାଣ ମୃଚ୍ଛତି । ପାଶ୍ଚାତ୍ୟ ସଂସ୍କାରରେ ଏହି ସତ୍ୟର ସନ୍ଧାନ ବିଶିଷ୍ଟସ୍ଥାନ ଅଧିକାର କରେ ନାହିଁ, ସମୟ ସମୟରେ ଯୁଦ୍ଧ ବିଗ୍ରହାଦିର ତାଡ଼ନାରେ କିମ୍ବା ପ୍ରାକୃତିକ ବିପ୍ଳବରେ ହତବୁଦ୍ଧି ହୋଇ କ୍ଷୁବ୍ଧ ଓ ବିଚଳିତ ପାଶ୍ଚାତ୍ୟ ମନୀଷୀ-ମାନେ ଜୀବନରେ ସତ୍ୟ ବସ୍ତୁକୁ ଉପଲବ୍ଧି କରିବା ନିମନ୍ତେ ଉନ୍ମୁଖ ହୁଅନ୍ତି, ସମୟ ସମୟରେ ହିନ୍ଦୁ ଦର୍ଶନର ସଂସ୍ପର୍ଶରେ ଆସି କିମ୍ବା ହିନ୍ଦୁ ମତବାଦର ସଙ୍ଘାତରେ ସେମାନଙ୍କ ମନରେ ଜଡ଼ ଶକ୍ତିର ଉପାସନା ପ୍ରତି ବିଦ୍ରୋହ ଜାତ ହୁଏ କିନ୍ତୁ ସେମାନଙ୍କର ସଂସ୍କାର ପୁନରାୟ ସେମାନଙ୍କୁ ସତ୍ୟବସ୍ତୁ ପ୍ରତି ବୀତଶ୍ରଦ୍ଧ କରେ ଓ ସେମାନେ ପୁନରାୟ ଶକ୍ତି ଆହରଣ କରିବା ନିମନ୍ତେ ପ୍ରବୃତ୍ତ ହୁଅନ୍ତି କାରଣ ସଂସ୍କାର ବଳବାନ୍ ଓ ବିଦ୍ୱାନ୍ ମଧ୍ୟ ସଂସ୍କାରର ବଶବର୍ତ୍ତୀ ହୋଇ ଶ୍ରେୟ ମାର୍ଗକୁ ପରିହାର କରି ଅନିତ୍ୟ ଅସୁନ୍ଦର ଅମଙ୍ଗଳ ପୂର୍ଣ୍ଣ ପ୍ରେୟର ଅନୁସରଣ କରିବା ନିମନ୍ତେ ବ୍ୟସ୍ତ ହୁଏ । ଅନ୍ୟ ଦିଗରେ ନିତ୍ୟ ବସ୍ତୁର ସାଧନା, ସତ୍ୟ ବସ୍ତୁକୁ ଉପଲବ୍ଧି କରିବାର ଚେଷ୍ଟା, ଚିରନ୍ତନ ବସ୍ତୁର ଧାରଣା କରିବାର ଅଦମ୍ୟ ପ୍ରୟାସ, ହିନ୍ଦୁର ଜ୍ଞାନ ଆହରଣ ପ୍ରଚେଷ୍ଟା ସହିତ ମୁଖ୍ୟ ଭାବରେ ସମ୍ପୃକ୍ତ, ହିନ୍ଦୁ ଜଡ଼ ଶକ୍ତିର ବା କ୍ଷମତାର ଉପାସକ ନୁହେଁ, କ୍ଷଣିକ ଅସତ ବସ୍ତୁର ମୋହରେ ତାହାର ମନ ଆଚ୍ଛନ୍ନ ରହେ ନାହିଁ, ସେ ଭଗବାନଙ୍କ ନିକଟରେ ଅସତକୁ ପରିହାର କରି ସତ୍‌ବସ୍ତୁ ପାଇବା ନିମନ୍ତେ ସତତ ପ୍ରାର୍ଥନା କରେ, ମୋହର ଅନ୍ଧକାର ମୁକ୍ତ ହୋଇ ସତ୍ୟ ଜ୍ଞାନର ଜ୍ୟୋତିଦ୍ୱାରା ମନକୁ ଉଦ୍ଭାସିତ କରିବାକୁ ଚେଷ୍ଟା କରେ । ତାହାର ସମସ୍ତ କର୍ମ ପ୍ରଚେଷ୍ଟା ତାକୁ ସତ୍ୟଜ୍ଞାନ ଲାଭ କରିବା ନିମନ୍ତେ ଉନ୍ମୁଖ କରି ତାହାର ସଂସ୍କାରକୁ ଦୃଢ଼ତର କରିବାରେ ସହାୟ ହୋଇଥାଏ ।

କିନ୍ତୁ ହିନ୍ଦୁର ସଂସ୍କାର କେବଳ ମାତ୍ର ସତ୍ୟ ବସ୍ତୁର ଉପଲବ୍ଧି ମାତ୍ରରେ ପର୍ଯ୍ୟବସିତ ନୁହେଁ । ତାହା ହିତକର ମଙ୍ଗଳକର ବସ୍ତୁ ସହିତ ନିତ୍ୟସମ୍ପୃକ୍ତ । ସେ ନିଜର, ଦେଶର, ସମାଜର ହିତ ମାତ୍ର ଚିନ୍ତା କରେ ନାହିଁ । ଜଗତର ହିତଚିନ୍ତା କରେ, ଜଗତର ହିତ ସାଧନାକୁ ସ୍ୱର୍ଗ ବୋଲି ମନେ କରେ । କ୍ଷଣିକ ଆନନ୍ଦରେ ମତ୍ତ ହୋଇ ହିନ୍ଦୁ ନିଜର ଜୀବନରେ ଉପଭୋଗର ସାମଗ୍ରୀ ସ୍ତୂପୀକୃତ କରିବାକୁ ଇଚ୍ଛୁକ ହୁଏ ନାହିଁ, ହିନ୍ଦୁର ସଂସ୍କାରରେ ନିଜକୁ ବଳି ଦେଇ ଅନ୍ୟର ହିତ ସାଧନା କରିବାର ପ୍ରୟାସ ଦେଖା ଯାଏ । ହିନ୍ଦୁର ଆଦର୍ଶ ଦଧୀଚି, ଯେ କି ଦେବତାମାନଙ୍କର ହିତ ସାଧନ କରିବା ନିମନ୍ତେ ନିଜର ଦେହକୁ ବଳି ଦେଇ ଥିଲେ, ହିନ୍ଦୁର ଆଦର୍ଶ ମହାମନା ଋଷିମାନେ ଯେଉଁମାନେ କି ସଂସାରର ହିତସାଧନ ନିମନ୍ତେ ଐହିକ ସୁଖ ବିସର୍ଜନ କରି ଗଭୀର ବନପ୍ରଦେଶରେ ତପସ୍ୟାରେ ପ୍ରବୃତ୍ତ ରହୁଥିଲେ । ଆତ୍ମାହୁତିଦ୍ୱାରା ଅନ୍ୟର କଲ୍ୟାଣ ସାଧନ ପାଶ୍ଚାତ୍ୟ ଦେଶରେ ବିରଳ, କାରଣ ସେଠା ଲୋକମାନଙ୍କ ସଂସ୍କାର ମଧ୍ୟରେ ସର୍ବଦା ନିଜର ବା ନିଜର ଦେଶର ବା ନିଜ ଜାତିର ଅର୍ଥ ଓ ଐହିକ ଉନ୍ନତି ସର୍ବଥା କାମ୍ୟ ବୋଲି ସ୍ୱୀକୃତ ଏବଂ ତାହା ପାଇଁ ସେମାନେ ସତ୍ୟକୁ ବଳି ଦେବା ନିମନ୍ତେ ସତତ ପ୍ରସ୍ତୁତ । ସ୍ୱଜାତି ପ୍ରେମ ବା ସ୍ୱଦେଶ ହିତୈଷଣା ବିଶ୍ୱପ୍ରେମ ବା ବିଶ୍ୱକଲ୍ୟାଣ କାମନା ଅପେକ୍ଷା ନ୍ୟୂନବସ୍ତୁ ଏବଂ ହିନ୍ଦୁର ପ୍ରତ୍ୟେକ ଯଜ୍ଞରେ ବିଶ୍ୱର ଶାନ୍ତି, ବିଶ୍ୱସ୍ଥ ସମସ୍ତଙ୍କର ତୃପ୍ତି କାମ୍ୟ ଥିବାରୁ ଆମ୍ଭେ-ମାନେ ହିନ୍ଦୁ ବୋଲି ଗର୍ବ ଅନୁଭବ କରିବା ସ୍ୱାଭାବିକ ।

ହିନ୍ଦୁ ସଂସ୍କାରର ତୃତୀୟ ମୂଳଭିତ୍ତି ସୌନ୍ଦର୍ଯ୍ୟର ଉପାସନା । ଏହି ସୌନ୍ଦର୍ଯ୍ୟ ହିନ୍ଦୁର ସାହିତ୍ୟରେ, ଲଳିତକଳାରେ, ସଙ୍ଗୀତର ସ୍ୱରମାଧୁର୍ଯ୍ୟରେ ସତତ ସ୍ୱତଃ ସ୍ଫୁରିତ । ଏକ ଦିଗରେ ହିନ୍ଦୁର ସଂସ୍କାରରେ ସଂଯମ ଶିକ୍ଷା ସୌନ୍ଦର୍ଯ୍ୟର ଭିତ୍ତି ରୂପରେ ସ୍ୱୀକୃତ, ଅନ୍ୟ ଦିଗରେ ପ୍ରକୃତିର ଅଫୁରନ୍ତ ସୌନ୍ଦର୍ଯ୍ୟ ଭଣ୍ଡାର ତାହା ସମ୍ମୁଖରେ ସର୍ବଦା ଉନ୍ମୁକ୍ତ । ଏହି କାରଣରୁ ନିରାଡ଼ମ୍ବର ସରଳସୁନ୍ଦର ସଂଯତ ଜୀବନକୁ ହିନ୍ଦୁମାନେ ସର୍ବଦା କାମ୍ୟ

ବୋଲି ମନେ କରିଥାନ୍ତି । ହିନ୍ଦୁର ବ୍ରହ୍ମ ସକଳ ପ୍ରକାର ରସର ଉତ୍ସ, ତାହାର ସାହଚର୍ଯ୍ୟ ଲୋକୋତ୍ତର ଆନନ୍ଦ ସଞ୍ଚାର କରିବାକୁ ସମର୍ଥ, ତାହାର ଦର୍ଶନ ସୌନ୍ଦର୍ଯ୍ୟର ବ୍ୟାଖ୍ୟାନରେ ପ୍ରବୃତ୍ତ । ପାଶ୍ଚାତ୍ୟ ଦେଶରେ ସୌନ୍ଦର୍ଯ୍ୟ ପରିବର୍ତ୍ତରେ ବ୍ୟାବହାରିକ ସୌନ୍ଦର୍ଯ୍ୟକୁ ଉଚ୍ଚତର ଆସନ ଦିଆ ଯାଇ ଯାଇଥାଏ । କାରଣ ସୌନ୍ଦର୍ଯ୍ୟ କେବଳ ରସପିପାସୁ ତୃପ୍ତ ମନୋବୃତ୍ତି ପକ୍ଷରେ ଉପଭୋଗ କରିବା ସମ୍ଭବପର, ନିତ୍ୟ ଉନ୍ନତି ପ୍ରୟାସୀ କାର୍ଯ୍ୟୋନ୍ମତ୍ତ ନରନାରୀ ପକ୍ଷରେ ତାହାର ଯଥାଯଥ ଉପଭୋଗ ସମ୍ଭବପର ନୁହେଁ । ହିନ୍ଦୁମାନେ ପୁଣି ଧ୍ୱଂସର ତାଣ୍ଡବ ଲୀଳା ମଧ୍ୟରେ ନଟରାଜଙ୍କ ଉନ୍ମତ୍ତ ତାଣ୍ଡବ କଳ୍ପନା କରି ସୌନ୍ଦର୍ଯ୍ୟର ସତ୍ତାକୁ ସ୍ୱୀକାର କରିଅଛନ୍ତି । ପ୍ରାକୃତିକ ଜଗତର ସୃଷ୍ଟି ସ୍ଥିତି ଲୟ ମଧ୍ୟରେ ଅନନ୍ତ ବୈଚିତ୍ର୍ୟ ପୂର୍ଣ୍ଣ ଅନନ୍ତ ସୌନ୍ଦର୍ଯ୍ୟର ଭଣ୍ଡାର ଆବିଷ୍କାର କରି ବିସ୍ମିତ ଓ ମୁଗ୍ଧ ହୋଇ ପ୍ରତ୍ୟେକ କ୍ଷେତ୍ରରେ ହିନ୍ଦୁମାନେ ସୌନ୍ଦର୍ଯ୍ୟର ଉପାସନା କରିବାରେ ପ୍ରବୃତ୍ତ ହୋଇଅଛନ୍ତି ।

କିନ୍ତୁ ହିନ୍ଦୁ ସଂସ୍କାର ପ୍ରକୃତିର ସୌନ୍ଦର୍ଯ୍ୟୋପଭୋଗରେ ହିଁ ପର୍ଯ୍ୟବସିତ ନୁହେଁ । ପ୍ରାକୃତିକ ଜଗତର ପଛରେ ଯେଉଁ ବିରାଟ ପୁରୁଷ ବର୍ତ୍ତମାନ ଥାଇ ଅସନ୍ତ ଲୀଳା ରସ ଦ୍ୱାରା ମନୁଷ୍ୟର ହୃଦୟକୁ ଆକର୍ଷିତ କରୁଅଛି ସେହି ଅବ୍ୟୟ ଅକ୍ଷର ପୁରୁଷାତ୍ମାକୁ ସମ୍ୟକ ଜାଣି ସୌନ୍ଦର୍ଯ୍ୟର ଉତ୍ସକୁ ଅଧିଗତ କରିବା ନିମନ୍ତେ ହିନ୍ଦୁ ସର୍ବଦା ଚେଷ୍ଟିତ । ଏହି ଚେଷ୍ଟାହିଁ ହିନ୍ଦୁ ଧର୍ମର ହିନ୍ଦୁ ସଂସ୍କାରର ମୂଳ ତତ୍ତ୍ୱ । ଏହାହିଁ ତାହାକୁ କର୍ମ ପ୍ରେରଣା ଦିଏ । ଏହି ଅପରୋକ୍ଷ ଜ୍ଞାନହିଁ ହିନ୍ଦୁ ବ୍ରହ୍ମିଷ୍ଠର ଲକ୍ଷଣ । ହିନ୍ଦୁ ସଂସ୍କୃତିର ଆଦର୍ଶ ସ୍ଥାନୀୟ ନାଚିକେତା ପ୍ରେୟକୁ ଉପେକ୍ଷା କରି ଶ୍ରେୟର ଅନୁସନ୍ଧାନରେ ବ୍ୟସ୍ତ ହୋଇଥିଲେ । ମହିଦାୟତନ ଭୂମି ଓ ଇଚ୍ଛାନୁଯାୟୀ ଦୀର୍ଘ ଜୀବନ ପ୍ରଭୃତି ଜାଗତିକ ଭୋଗ୍ୟବସ୍ତୁମାନଙ୍କ ପ୍ରତି ଉପେକ୍ଷା ପ୍ରଦର୍ଶନ କରି ଶ୍ରେୟକୁ ବରଣୀୟ ବୋଲି ପ୍ରକାଶ କରିଥିଲେ । ଏହି ଶ୍ରେୟାନ୍ୱେଷଣ ଏହି ଭୂମାନନ୍ଦ ଏହି ବ୍ରହ୍ମ ଜିଜ୍ଞାସା ହିନ୍ଦୁ ସଂସ୍କାରର ମୂଳ ତତ୍ତ୍ୱ ସ୍ୱରୂପ । ଏଣୁ ହିନ୍ଦୁ ଜାଣେ ଯେ ଅଳ୍ପରେ ଅନିତ୍ୟ ବସ୍ତୁ ମଧ୍ୟରେ ସୁଖ ଲାଭ କରିବା ତାହାର ସଂସ୍କାର ବିରୋଧୀ । ପାଶ୍ଚାତ୍ୟ ସଂସ୍କାର ହିନ୍ଦୁ ସଂସ୍କାର ଠାରୁ ଏହି କ୍ଷେତ୍ରରେ ପୃଥକ । କାରଣ ପାଶ୍ଚାତ୍ୟ ସଂସ୍କାର ଅର୍ଥାଗମ, ଅନେକତା, ସାମ୍ରାଜ୍ୟ ଲିପ୍ସା, ଶ୍ରେଷ୍ଠ ଆହରଣ, ବାହ୍ୟ ପଦାର୍ଥମାନଙ୍କୁ ଆୟତ୍ତ କରିବାରେ ଓ ସେମାନଙ୍କ ଉପରେ କ୍ଷମତା ବିସ୍ତାର କରିବା ରୂପ ପ୍ରେୟ ବସ୍ତୁମାନଙ୍କରେ ନିବଦ୍ଧ, ଏ ସବୁକୁ ଅତିକ୍ରମ କରି ମହତୋମହୀୟାନ ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରିବା ସେମାନଙ୍କର ଉଦ୍ଦେଶ୍ୟ ନୁହେଁ ।

ବର୍ତ୍ତମାନ ହିନ୍ଦୁମାନଙ୍କ ମଧ୍ୟରେ ସେମାନଙ୍କର ନିଜସ୍ୱ ସଂସ୍କୃତି ପ୍ରଚ୍ଛନ୍ନ ଥିଲେହେଁ ତାହା କାର୍ଯ୍ୟକାରୀ ହୋଇ ସେମାନଙ୍କୁ ପାର୍ଥିବ ଦୈନ୍ୟ ରୁ ରକ୍ଷା କରିବାକୁ କ୍ଷମ ହେଉ ନାହିଁ । କର୍ମଦ୍ୱାରା କର୍ମରୁ ମୁକ୍ତି ପାଇବାକୁ ହେଲେ ଯେଉଁ ବିରାଟ କର୍ମ ପ୍ରେରଣାର ପ୍ରୟୋଜନ ତାହା ବର୍ତ୍ତମାନ ଆଉ ଦେଖାଯାଏ ନାହିଁ, ଭୋଗ ମଧ୍ୟ ଦେଇ ତ୍ୟାଗର ମାର୍ଗକୁ ଗତି କରିବାରେ ଯେଉଁ ଚରିତ୍ର ବଳ ପ୍ରୟୋଜନ ତାହା ମଧ୍ୟ କ୍ରମଶଃ ବିରଳ ହୋଇ ପଡ଼ୁଅଛି । ଧର୍ମ ଜ୍ଞାନକୁ ଆୟତ୍ତ କରିବା ନିମନ୍ତେ ପ୍ରଥମରେ ତାହାର ଅଧିକାରୀ ହେବା ପ୍ରୟୋଜନ, ଲୋକୋତ୍ତର ଆନନ୍ଦ ଦିଗରେ ଗତି କରିବାକୁ ହେଲେ ଧୀରସ୍ଥିରଗମ୍ଭୀର ଭାବରେ ଜ୍ଞାନର ଆଲୋଚନା କରି ଶରୀର ସହିତ ମୋହ ପାଶମାନଙ୍କୁ ଛିନ୍ନ କରିବାକୁ ହେବ । ବର୍ତ୍ତମାନ ଆମ୍ଭେମାନେ ଯାହା ଦେଖୁଁ ତାହା ଅଳସ ଅଭିମାନ, ଭୋଗସ୍ପୃହାକୁ ଚରିତାର୍ଥ କରିବାରେ ଅଶକ୍ତ ହୋଇ ନୈରାଶ୍ୟ ବିଜଡ଼ିତ ଦ୍ୱେଷ କଠୋର ଜ୍ଞାନ ମାର୍ଗରେ ଗତି କରିବାରେ ଅପାରଗ ହୋଇ କର୍ମ ମୁକ୍ତିର ସହଜ ପନ୍ଥାମାନ ଆବିଷ୍କାର କରିବାର ପ୍ରବୃତ୍ତି ଓ ଭୋଗ କରିବାର ଶକ୍ତି ନ ଥାଇ ତ୍ୟାଗ ମାର୍ଗର ଉପହାସାସ୍ପଦ ଅନୁସରଣ । ଏ ଗୁଡ଼ିକ ହିନ୍ଦୁ ସଂସ୍କାରକୁ ବିକୃତ କରୁଅଛି କିନ୍ତୁ ଆମ୍ଭମାନଙ୍କର ଅନ୍ତର୍ନିହିତ ପୂର୍ବଜନ୍ମାର୍ଜିତ ସଂସ୍କାର ଏହି ମୋହରୁ ଆମ୍ଭମାନଙ୍କୁ ଉଦ୍ଧାର କରିବାକୁ କ୍ଷମ ହେବ ବୋଲି ମୋର ବିଶ୍ୱାସ ।

ହିନ୍ଦୁର ଯାହା ବାସ୍ତବିକ ସଂସ୍କାର ତାହା ବର୍ତ୍ତମାନ ଜଗତରେ ଅଚଳ । ବର୍ତ୍ତମାନ ଏହା ପାଶ୍ଚାତ୍ୟ ସଂସ୍କାରର ସଂଘାତକୁ ସହ୍ୟ କରିବାକୁ ସମର୍ଥ ହେଉ ନାହିଁ । ତାହାର କାରଣ ହିନ୍ଦୁ ସଂସ୍କାରର ଯାହା ମୂଳଭିତ୍ତି ସେହି ପରାଜ୍ଞାନ ବର୍ତ୍ତମାନ କେବଳ ଅନ୍ଧଭକ୍ତି ଓ ଅଳସ ଆତ୍ମରପରାୟଣତା ଦ୍ୱାରା କଳୁଷିତ ହୋଇ ଅଛି । ହିନ୍ଦୁ ବର୍ତ୍ତମାନ ଗାଭୀ ରକ୍ଷା କରିବା ନିମନ୍ତେ ମନୁଷ୍ୟ ହତ୍ୟା କରିବାରେ କୁଣ୍ଠିତ ହୁଏ ନାହିଁ ଓ ପଶୁ ବଳିରୂପ ହିଂସ୍ର ସହଜସାଧ୍ୟ କାର୍ଯ୍ୟ ଦ୍ୱାରା ଦେବତା ପ୍ରୀତ ହେବେ ଏହା ମଧ୍ୟ ବିଶ୍ୱାସ କରନ୍ତି । ଜ୍ଞାନକୁ ବର୍ଜନ କରି ଧର୍ମକୁ ସହଜ ଲଭ୍ୟ କରିବାକୁ ଇଚ୍ଛୁକ ହୋଇ ହିନ୍ଦୁମାନେ କ୍ରମଶଃ ଅବନତିର ସୋପାନରେ ନିମ୍ନ ସ୍ତରକୁ ଚାଲି ଯାଉଅଛନ୍ତି ଓ ପାଶ୍ଚାତ୍ୟ ଦେଶମାନଙ୍କ ସହିତ ପ୍ରତିଯୋଗିତାରେ ଅକ୍ଷମ ହୋଇ ନିଜର ଅକ୍ଷମତାକୁ ଗୌରବଜନକ ବୋଲି ପ୍ରଚାର କରୁଅଛନ୍ତି ଓ ଅହିନ୍ଦୁମାନଙ୍କ ଠାରୁ ଦୂରରେ ରହି ନିଜର ସଂସ୍କାରକୁ ରକ୍ଷା କରିବା ନିମନ୍ତେ ଚେଷ୍ଟିତ ହେଉଅଛନ୍ତି । କୋଣାର୍କର ମନ୍ଦିର ତିଆରିରେ ଯେଉଁ ଶିଳ୍ପ ଚାତୁର୍ଯ୍ୟ ଯେଉଁ ସୌନ୍ଦର୍ଯ୍ୟାନୁଭୂତି ବିଦ୍ୟମାନ, ଗୋଟିଏ ରେଲ ଗାଡ଼ିର ଇଞ୍ଜିନ ତିଆରି କରିବାରେ ତାହାଠାରୁ ଅଧିକ ଜ୍ଞାନ ଅଧିକ ଚାତୁର୍ଯ୍ୟର ପ୍ରୟୋଜନ ନ ହୋଇପାରେ କିନ୍ତୁ କୋଣାର୍କ ମନ୍ଦିର ଗଢ଼ିବାର କ୍ଷମତା ଯାହାର ନାହିଁ, ସେ ସେହି କ୍ଷମତା ଆୟତ୍ତ କରିବା ନିମନ୍ତେ ଇଞ୍ଜିନ ତିଆରିରେ ପ୍ରବୃତ୍ତ ହେଲେ ଅଗୌରବର କାର୍ଯ୍ୟ ହେବ ନାହିଁ । ଅବଶ୍ୟ ପାଶ୍ଚାତ୍ୟ ସଭ୍ୟତାରେ ନିତ୍ୟ କାମନାର ତୃପ୍ତି ଦ୍ୱାରା ଜୀବନକୁ ଉପଭୋଗ କରିବାର ଯେଉଁ ପ୍ରୟାସ ଅଛି ତାହା ଦ୍ୱାରା କାମନାର ଶାନ୍ତି ହୋଇ ନ ପାରେ କିନ୍ତୁ ଅକ୍ଷମତାଜନିତ ଅତୃପ୍ତ ଭୋଗସ୍ପୃହା ଅପେକ୍ଷା ଜୀବନର ଉପଭୋଗ ମଧ୍ୟ କାମ୍ୟ ମନେ ହୋଇ ପାରେ ।

ବର୍ତ୍ତମାନ ଯୁଗସନ୍ଧି ସମୟରେ ଆମ୍ଭେମାନେ ଆମ୍ଭମାନଙ୍କର ନିଜସ୍ୱ ସଂସ୍କୃତିକୁ ଭୁଲି ଯାଇଅଛୁଁ । ପାଶ୍ଚାତ୍ୟ ସଂସ୍କୃତିକୁ ମଧ୍ୟ ନିଜସ୍ୱ କରି ପାରି ନାହୁଁ । ଏକ ଦିଗରେ ଅପରିପକ୍ୱ ଜ୍ଞାନର ଅନନ୍ତ ଅବିଶ୍ୱାସ, ଅହେତୁକୀ ଭକ୍ତିର ଅସାର ଉନ୍ମାଦନା, ଅଶ୍ରଦ୍ଧ କର୍ମ ପ୍ରଚେଷ୍ଟାର ଅଳସ ଅସ୍ୱୀକାରନିଷ୍ଠା, ଅନ୍ୟ ଦିଗରେ ପ୍ରକୃତି ସହିତ ଅବିରତ ସଂଗ୍ରାମରେ ନିତ୍ୟ ବିଜୟୀ, ନିତ୍ୟ କର୍ମରତ, ଜଡ଼ ଜ୍ଞାନ ଅନ୍ୱେଷଣରେ ନିତ୍ୟ ପ୍ରବୃତ୍ତ ପାଶ୍ଚାତ୍ୟମାନଙ୍କର ଐହିକ ସୁଖ ଆମ୍ଭମାନଙ୍କର ମନକୁ ଆଚ୍ଛନ୍ନ କରି ଜୀବନକୁ ବିଷାଦମୟ କରି ଦେଉଅଛି । ସାଂସାରିକ ଦୁଃଖରୁ ବଞ୍ଚିତ ହୋଇ, ନିବିଡ଼ ଦାରିଦ୍ର୍ୟ ପ୍ରପୀଡ଼ିତ ହୋଇ ଯେଉଁ ବିଶ୍ୱାସ ବଳରେ, ସାମାଜିକ ପ୍ରତିଷ୍ଠା ବଳରେ ପୃଥିବୀରେ ଅତିପ୍ରତିଷ୍ଠ ହୋଇଥାନ୍ତି ସେଥିରୁ ମଧ୍ୟ ଆମ୍ଭେମାନେ ବଞ୍ଚିତ ହୋଇଅଛୁଁ । କର୍ମକାଣ୍ଡର ମୋହରେ ଭ୍ରାନ୍ତ ଆଗ୍ରହ ପରାୟଣ ହୋଇ ଅଜ୍ଞାନକୁ ଆଶ୍ରୟ କରି ଧର୍ମକୁ ସହଜସାଧ୍ୟ କରି ତୃପ୍ତି ପାଇବାର ଚେଷ୍ଟା କରୁଅଛୁଁ । ଏହିଥିରୁ ଆମ୍ଭମାନଙ୍କର ଦୁଃଖ । ଏହିଥିରୁ ଆମ୍ଭମାନଙ୍କର ଦୈନ୍ୟ, ଦୁରତ୍ୟୟ ସଂସାର ମାର୍ଗରେ ଯାହା ଆମ୍ଭମାନଙ୍କୁ ବଳ ଦେଇ ଥାନ୍ତା ସେହି ସଂସ୍କାରକୁ ମୋହାଚ୍ଛନ୍ନ କରି ଆମ୍ଭେମାନେ ଭ୍ରାନ୍ତ ଓ ସନ୍ତପ୍ତ ହେଉ ଅଛୁଁ । ସ୍ୱାମୀ ବିବେକାନନ୍ଦଙ୍କର ଅମର ଉକ୍ତିରେ ଆମ୍ଭମାନଙ୍କର ଯୋଗ ତ ହେଲା ନାହିଁ, ଭୋଗ ମଧ୍ୟ ହେଲା ନାହିଁ, କେବଳ ଅନ୍ୟ ଠାରୁ ଅପମାନ ସହ୍ୟ କରି କାୟକ୍ଳେଶରେ ଉଦରାନ୍ନର ସଂସ୍ଥାନ, ତା ମଧ୍ୟ କାହାର ହେଲା, କାହାର ହେଲା ନାହିଁ । ଏହିପରି ଐହିକ ଓ ପାରତ୍ରିକ ସୁଖରୁ ବଞ୍ଚିତ ହୋଇ, ଦୃଢ଼ ପୁରୁଷମାନଙ୍କର ଦୁର୍ଲ୍ଲଭ ମାତ୍ର ଉପରେ ନିର୍ଭର କରି ଜୀବନ ଯାପନ କରିବା ବର୍ତ୍ତମାନ ଏକ ବିଡ଼ମ୍ବନା, ଆତ୍ମ ପ୍ରବଞ୍ଚନାରେ ପରିଣତ ହୋଇଅଛି । ପୂର୍ବକାଳୀନ ଯୋଗ ନାହିଁ; ଆଧୁନିକ ଭୋଗ ମଧ୍ୟ ନାହିଁ, ଅଛି କେବଳ ରୋଗ, ବ୍ୟାଧି, ଦୈନ୍ୟ । ସେସବୁକୁ ସମ୍ବଳ କରି ଗୋଟିଏ ଜାତି କେତେ ଦୂର ଉନ୍ନତ ହୋଇ ପାରେ ତାହା ସହଜରେ ବିଚାର୍ଯ୍ୟ ।

ଆମ୍ଭମାନଙ୍କର ସଂସ୍କାରକୁ ପୁନର୍ବାର ସଜୀବ ଓ ବଳବାନ କରିବାକୁ ହେଲେ ଜ୍ଞାନର ଅକ୍ଳାନ୍ତ ଉପାସନା ପ୍ରୟୋଜନ । ଜଡ଼ ଜ୍ଞାନ ମଧ୍ୟ ଦେଇ ଚୈତନ୍ୟର ଜ୍ଞାନରେ ପ୍ରବୃତ୍ତ ହେବା ସମ୍ଭବପର ହୋଇ ପାରେ, ଅଧିକାରୀ ପୁରୁଷ ପକ୍ଷରେ ପ୍ରଥମରୁ ଆତ୍ମଜ୍ଞାନ ଲାଭ କରିବା ମଧ୍ୟ ସମ୍ଭବପର ହୋଇ ପାରେ କିନ୍ତୁ ବର୍ତ୍ତମାନ ଭକ୍ତି, ଆଗ୍ରହ ଛାଡ଼ି ଭୁଲି ଜ୍ଞାନର ସାଧନା କରିବାକୁ ହେବ, କାରଣ ଜ୍ଞାନ ଲାଭ ହେଲେ ସଂସ୍କାର ମୋହମୁକ୍ତ ହୋଇ କର୍ମ ପ୍ରବୃତ୍ତିକୁ ଯଥାଯଥ ଭାବରେ ନିୟନ୍ତ୍ରିତ କରିବାକୁ କ୍ଷମ ହେବ । ଅତନ୍ଦ୍ରନୈର୍ବାଚନିଷ୍ଠ ହୋଇ, ସ୍ଥିରପ୍ରତିଜ୍ଞ ହୋଇ ଜ୍ଞାନାଗ୍ନି ଦ୍ୱାରା କର୍ମକୁ ଭସ୍ମସାତ୍ କରିବା ନିମନ୍ତେ ଯଦି ଆମ୍ଭେମାନେ ସଚେଷ୍ଟ ହେଉଁ ତେବେ ଆମ୍ଭମାନଙ୍କର ଜନ୍ମ ଗତ ସଂସ୍କାର ଆମ୍ଭେମାନଙ୍କୁ ପୁନର୍ବାର ପ୍ରତିଷ୍ଠା ଲାଭରେ, ଗୌରବ ରକ୍ଷା କରିବା ନିମନ୍ତେ ସାହାଯ୍ୟ କରିବ । ଏହି ଜ୍ଞାନ ଲାଭ ନିମନ୍ତେ ଉଦାରତାର ପ୍ରୟୋଜନ, ଅକ୍ଳାନ୍ତ ଅଧ୍ୟବସାୟ ପ୍ରୟୋଜନ । ଜ୍ଞାନର ପରିଧି ବର୍ତ୍ତମାନ ବିସ୍ତୃତ ହୋଇଅଛି, ଆମ୍ଭେମାନେ ଏକ ଦେଶଦର୍ଶୀ ହୋଇ ଜ୍ଞାନ ରାଜ୍ୟରେ ଗଣ୍ଡି କରୁଥିବାରୁ ପାଶ୍ଚାତ୍ୟ ମନୀଷୀମାନେ ଆମ୍ଭମାନଙ୍କୁ ସମ୍ମାନ ଦେବାକୁ ପରାଙ୍ମୁଖ । ପାଶ୍ଚାତ୍ୟ ଜ୍ଞାନ ରାଜ୍ୟରେ ପ୍ରବେଶ କରି, ତାକୁ ଜୟ କରି, ଅଧିକୃତ କରି, ଯେଉଁ ଦିନ ଆମ୍ଭେମାନେ ପ୍ରମାଣ କରି ପାରିବା ଯେ ପାଶ୍ଚାତ୍ୟ ମନୀଷୀମାନେ ଶାସ୍ତ୍ର ମହୋଦଧି ମନ୍ଥନ କରି କେବଳ ତକ୍ର ପାନ କରୁଅଛନ୍ତି କିନ୍ତୁ ସାର ବସ୍ତୁର ସନ୍ଧାନ ପାଇ ପାରୁ ନାହାନ୍ତି ସେତେବେଳେ ଆମ୍ଭମାନଙ୍କର ଗୌରବ ଜଗତରେ ସ୍ୱୀକୃତ ହେବ । ଏହି ଅନନ୍ତ ପାଶ୍ଚାତ୍ୟ ଜ୍ଞାନରାଜ୍ୟ ଆମ୍ଭମାନଙ୍କ ସମ୍ମୁଖରେ ପ୍ରସାରିତ । ଆମ୍ଭେମାନେ କ୍ଳୈବ୍ୟ ଓ ଜଡ଼ତା ନିବନ୍ଧନ ସେହି ଜ୍ଞାନ ରାଜ୍ୟରେ ପ୍ରବେଶ କରିବାକୁ କୁଣ୍ଠିତ ହେଉଅଛୁଁ, ଏକଥା ଯେପରି ଅନ୍ୟମାନେ କହି ନ ପାରନ୍ତି । ଏହି ଜ୍ଞାନ ରାଜ୍ୟକୁ ଜୟ କରି ଅତି ପ୍ରତିଷ୍ଠ ହେବା ନିମନ୍ତେ ଆମ୍ଭମାନଙ୍କର ସଂସ୍କାର ସହାୟକ ହେଉ, ଏହାହିଁ ଏକମାତ୍ର କାମ୍ୟ ।

# ମହାଭାରତର ରାଜନୀତି

ଧାଳିଆ ପାଣିଗ୍ରାହୀ

ରାଜ୍ୟ ନବୀ ଅତିକ୍ରମ କରି ପରିଶେଷରେ ଧର୍ମବୀର ଯୁଧିଷ୍ଠିର ହସ୍ତିନା ସିଂହାସନ ଲାଭ କଲେ । ରାଜା ହେବାପରେ ସେ ଭୀମଙ୍କୁ ଯୁବରାଜ ରୂପେ ନିଯୁକ୍ତ କଲେ । ରାଜାଙ୍କ ତଳେ ଜଣେ ଯୁବରାଜ ରଖାଯିବା ପ୍ରଥା ଭାରତର ରାମାୟଣ ଯୁଗରୁ ଚଳି ଆସୁଥିଲା । ପୁତ୍ର ଅଭାବରେ ଯୁଧିଷ୍ଠିର ଏହି ଭାରଟି ଭୀମଙ୍କ ଉପରେ ନ୍ୟସ୍ତ କଲେ । ଲଙ୍କାରୁ ପ୍ରତ୍ୟାଗତ ହୋଇ ମହାରାଜା ରାମଚନ୍ଦ୍ର ନିଜ ଭାଇ ଭରତଙ୍କୁ ଯୌବରାଜ୍ୟ ପଦ ଅର୍ପଣ କରିବା ବିଷୟ ରାମାୟଣ କହେ । ବିଦୁର ହେଲେ ହସ୍ତିନା ରାଜାଙ୍କର ପ୍ରଧାନ ମନ୍ତ୍ରୀ । ଅନ୍ଧରାଜା ଧୃତରାଷ୍ଟ୍ରଙ୍କ ଭୂତପୂର୍ବ ଅମାତ୍ୟ ସଞ୍ଜୟଙ୍କୁ ଅର୍ଥ-ସଚିବ କାର୍ଯ୍ୟ ଦିଆଗଲା । ସେ ମନ୍ତ୍ରୀ ପରିଷଦରେ ଜଣେ ପ୍ରଧାନ ମନ୍ତ୍ରୀ ହୋଇ ରହିଲେ । ରାଜ୍ୟର ଆୟ ବ୍ୟୟ ବିଭାଗ ତାଙ୍କ ଅଧୀନରେ ରହିଲା । ନକୁଳଙ୍କୁ ସେନା-ବେତନ-

ବାହିକରୂପେ ନିଯୁକ୍ତ କରାଗଲା । ଅର୍ଜୁନ ହେଲେ ରାଜାଙ୍କର ପ୍ରଧାନ ସେନାପତି । ପୁରୋହିତ ଧୌମ୍ୟଙ୍କୁ ଧର୍ମ ବିଭାଗର ଅଧ୍ୟକ୍ଷ କରାଗଲା । ନିଜେ ରାଜା ଯୁଧିଷ୍ଠିର କୌଣସି ଗୋଟିଏ ବିଭାଗର ଭାର ନ ନେଇ ସବୁ ବିଭାଗ ତଦାରଖ କରୁଥିଲେ । ତାଙ୍କୁ ସାହାଯ୍ୟ କରୁଥିଲେ ସହଦେବ, ରାଜାଙ୍କର ବ୍ୟକ୍ତିଗତ ମନ୍ତ୍ରୀରୂପେ ରହି । ରାମାୟଣ ଯୁଗର ସୁମନ୍ତଙ୍କ ସହିତ ସହଦେବଙ୍କୁ ତୁଳନା କରାଯାଇପାରେ । ସେ ରାଜାଙ୍କର ପାରିବାରିକ ବିଷୟ ଓ ରାଜାନ୍ତଃପୁରର ପରିଚାଳନ ଭାର ମଧ୍ୟ ଗ୍ରହଣ କରିଥିଲେ । ଏହି ମନ୍ତ୍ରୀମାନେ ସମସ୍ତେ ରାଜାଙ୍କର ଭାଇ କିମ୍ବା ବନ୍ଧୁ । ସେମାନଙ୍କୁ ବେତନ ଦିଆ ଯାଉଥିଲା କି ନାହିଁ ଏ ସମ୍ବନ୍ଧେ ମହାଭାରତ ନୀରବ । ସେହି ଗ୍ରନ୍ଥରୁ ଏତିକି ଜଣାଯାଏ ଯେ ପ୍ରତ୍ୟେକ ମନ୍ତ୍ରୀ ରହିବାପାଇଁ ରାଜା ସ୍ୱତନ୍ତ୍ର ବାସଭବନ ଦେଇଥିଲେ । ସେମାନଙ୍କର ଅନ୍ୟାନ୍ୟ ବ୍ୟୟ ମଧ୍ୟ ରାଜକୋଷରୁ ହେଉଥିଲା ବୋଲି ଅନୁମାନ କରିବା ଯୁକ୍ତିହୀନ ହୋଇ ନ ପାରେ ।

ମହାଭାରତର ଶାନ୍ତିପର୍ବ ରାଜନୀତିର ଗୋଟିଏ ପ୍ରକୃଷ୍ଟ ଗ୍ରନ୍ଥ । ସେହି ନୀତିର ବକ୍ତା ଅଟନ୍ତି ଭୀଷ୍ମ ଏବଂ ଶ୍ରୋତା ଭଗବାନ ଶ୍ରୀକୃଷ୍ଣ ଓ ପାଣ୍ଡବମାନେ, ଶାନ୍ତି ପର୍ବରୁ ଜଣାଯାଏ ଭୀଷ୍ମ ଜଣେ ଅଦ୍ୱିତୀୟ ରାଜନୀତିଜ୍ଞ । ଭୀଷ୍ମଙ୍କ ଦ୍ୱାରା କଥିତ ରାଜନୀତି ଯେ ସେହି ଯୁଗରେ ପ୍ରଚଳିତ ଥିଲା ଏହା ସନ୍ଦେହ କରିବାପାଇଁ କୌଣସି କାରଣ ନାହିଁ । ଶାନ୍ତିପର୍ବରୁ ଆମ୍ଭେମାନେ ତତ୍‌କାଳୀନ ରାଜନୈତିକ ପରିସ୍ଥିତି ସଙ୍ଗେ ସଙ୍ଗେ ସେହି ସମୟର ରାଜନୀତିଜ୍ଞମାନଙ୍କର ଶାସନ ସମ୍ବନ୍ଧୀୟ ଚିନ୍ତା ଓ ଧାରଣା ଜାଣିବାକୁ ସମର୍ଥ ହେଉଁ । କୌଟିଲ୍ୟଙ୍କ ଅର୍ଥଶାସ୍ତ୍ର ଓ ଶୁକ୍ର ବା କାମନ୍ଦକଙ୍କ ନୀତିଶାସ୍ତ୍ରରୁ ଯେପରି ମୌର୍ଯ୍ୟ ଓ ତଦ୍‌ପରବର୍ତ୍ତୀ ଐତିହାସିକ ଯୁଗର ଶାସନ ପ୍ରଣାଳୀ ଓ ରାଜନୀତି ଚିନ୍ତାର ଧାରା ଜଣାଯାଏ ସେହିପରି ଶାନ୍ତି ପର୍ବରୁ ପୌରାଣିକ ଯୁଗର ରାଜନୀତି ଜଣାଯାଏ ।

ରାଜନୀତିର ଅନ୍ୟ ନାମ ଦଣ୍ଡନୀତି, ଏହି ନୀତିର ଉଦ୍ଭବ ସମ୍ବନ୍ଧେ ଶାନ୍ତି ପର୍ବରେ ଯେଉଁ କଥାଟି କୁହାଯାଇଛି ତାହା ଐତିହାସିକ ନୁହେଁ, ରୂପକ । ଭୀଷ୍ମଙ୍କ ମତରେ ଦଣ୍ଡନୀତି ବ୍ରହ୍ମାଙ୍କଠାରୁ ଜାତ । ମାନବ ଇତିହାସର ପ୍ରାଥମିକ ଅବସ୍ଥାରେ ରାଜା ନ ଥିଲେ କି ରାଜ୍ୟ ନ ଥିଲା, ସମସ୍ତେ ସମାନଭାବେ ଜୀବନ ଯାପନ କରୁଥିଲେ । ଏହି ସାମ୍ୟ ଓ ପ୍ରାକୃତିକ ଅବସ୍ଥାରେ ପରସ୍ପର କଳହର ଅବକାଶ ନ ଥିଲା, କିଏ କାହାର ଅନିଷ୍ଟ କରିବାର ଆବଶ୍ୟକତା ନ ଥିଲା, ପୁଣି ଅନ୍ୟାୟ ନିମନ୍ତେ କାହାରିକୁ ଦଣ୍ଡ ଦେବା ବିଷୟ ଜମା ଉଠୁ ନ ଥିଲା, ମାତ୍ର ଏହି ସୁଖମୟ ଅବସ୍ଥା ଅଦୃଶ୍ୟ ହେଲା ଯେତେବେଳେ ଲୋକ ତାହାର ସ୍ୱାର୍ଥପରତା ପ୍ରକାଶ କଲା । ପରିଣାମରେ ମାନବ ସମାଜରେ ସ୍ୱାର୍ଥ ସଂଘର୍ଷ ହେତୁ ଦେଖା ଦେଲା କଳହ ଓ ଅଶାନ୍ତି । ପରିଶେଷରେ ସମାଜରେ "ମତ୍ସ୍ୟନ୍ୟାୟ" ପ୍ରବଳ ହେଲା, ବଳବାନ ଦୁର୍ବଳକୁ ଅତ୍ୟାଚାର କରି ତାହାର ସ୍ୱାର୍ଥ ସିଦ୍ଧ କରିବାକୁ ଲାଗିଲା । ମନୁଷ୍ୟର ଏହି ଶାନ୍ତିହୀନ ଅବସ୍ଥା ଦେଖି ବ୍ରହ୍ମାଙ୍କ ମନରେ ମାନବ ଜାତି ପ୍ରତି କରୁଣା ଉଦୟ ହେଲା । ସେ ତେଣୁ ଦଣ୍ଡନୀତି ଶାସ୍ତ୍ର ପ୍ରଣୟନ କଲେ । ମହାଭାରତ କହେ ଯେ ଶିବ, ଇନ୍ଦ୍ର, ବୃହସ୍ପତି, ଶୁକ୍ର ପ୍ରଭୃତି ଦେବତାମାନେ କ୍ରମାନ୍ୱୟରେ ବ୍ରହ୍ମାଙ୍କର ବୃହତ୍‌କାୟ ପ୍ରକାଣ୍ଡ ଗ୍ରନ୍ଥଟିକୁ କ୍ଷୁଦ୍ର କରି ପରିଶେଷରେ ମନୁଷ୍ୟର ପାଠୋପଯୋଗୀ କରି ପାରିଥିଲେ ।

ଦଣ୍ଡନୀତି ପ୍ରଣୟନ ପରେ ତେଜାସ ଓ ବିରାଜ ଦୁଇଜଣଙ୍କୁ ସଂସାରରେ ରାଜତ୍ୱ କରିବାକୁ ପଠାଗଲା । ବିରାଜ ଅନାସକ୍ତ ହେବାରୁ ରାଜ୍ୟ ଶାସନର ସମସ୍ତ ଭାର ତେଜସଙ୍କ ଉପରେ ପଡ଼ିଲା । ସେ ତେଣୁ ହେଲେ ମାନବ ଜାତିର ସର୍ବପ୍ରଥମ ରାଜା, ତାଙ୍କ ବଂଶଧରମାନେ କାଳକ୍ରମେ ରାଜ୍ୟ ପାଳନ କଲେ, ପରିଶେଷରେ ଜଣେ ଦୁଷ୍ଟ ରାଜା ରାଜ୍ୟଭାର ଗ୍ରହଣ କଲେ । ତାଙ୍କ ନାମ ବେଣ ବା ବେଣୁ । ସେ ଅତି ଅତ୍ୟାଚାରୀ ଓ ପ୍ରଜାପୀଡ଼କ ଥିଲେ । ଦିନକୁ ଦିନ ତାଙ୍କ ଅତ୍ୟାଚାର ବୃଦ୍ଧି ପାଇ ପରିଶେଷରେ ଅସହ୍ୟ ହୋଇ ପଡ଼ିଲା । ସାଧାରଣ ପ୍ରଜାଙ୍କ କଥା ଛାଡ଼, ଧୀର ସ୍ଥିର ଋଷିମାନେ ସୁଦ୍ଧା ବେଣୁଙ୍କ ଦୁଷ୍ଟ ରାଜତ୍ୱରେ ବିରକ୍ତ ହୋଇ ତାଙ୍କୁ ହତ୍ୟା କଲେ । ମାତ୍ର ବେଣୁଙ୍କ ମୃତ୍ୟୁପରେ ରାଜା ହେବା ପାଇଁ ତାଙ୍କର କେହି ବଂଶଧର ନ ଥିଲେ । ସିଂହାସନ ଖାଲି ପଡ଼ିଲା ଓ ରାଜ୍ୟ ଅରାଜକ ହେଲା, ଋଷିମାନେ ବେଣୁଙ୍କ ମୃତ ଶରୀରକୁ ଘଷିବାକୁ ଲାଗିଲେ । ତାହାର ଫଳରେ ବେଣୁଙ୍କ ଦେହରୁ ଗୋଟିଏ କଦାକାର, କୁତ୍ସିତ ରୂପ ବହିର୍ଗତ ହେଲା । ଏପରି ଜଣେ ବ୍ୟକ୍ତିକୁ ରାଜା କରିବାକୁ କାହାରି ଇଚ୍ଛା ହେଲା ନାହିଁ । ବେଣୁଙ୍କ ଶରୀର ପୁନର୍ବାର ମନ୍ଥା ଗଲା, ଏଥର ସେହି ଦେହରୁ ଜଣେ ଅପୂର୍ବ ଜ୍ୟୋତିର୍ମୟ ମୂର୍ତ୍ତି ଆବିର୍ଭୂତ ହେଲେ । ତାଙ୍କ ନାମ ପୃଥୁ । ସେ ରାଜା ହୋଇ ପୃଥିବୀ ପରିପାଳନ କଲେ ।

ଉଲ୍ଲିଖିତ ପୌରାଣିକ ଗଳ୍ପଟି ଭାଗବତରେ ମଧ୍ୟ ଅଛି । ପୁରାତନ ରାଜନୀତି ଚିନ୍ତାର ଅଭିବ୍ୟକ୍ତି ବ୍ୟତୀତ ଏହା ଆଉ କିଛି ନୁହେଁ । ଗଳ୍ପଟି ସତ୍ୟ ନୁହେଁ; ମାତ୍ର ଗଳ୍ପ ମୂଳରେ ଥିବା ଉଦ୍ଦେଶ୍ୟଟି ନିରାଟ ସତ୍ୟ ଓ ଅତିଶୟ ସ୍ୱାଭାବିକ । ମାନବ ଇତିହାସର ପ୍ରାଥମିକ ଅବସ୍ଥାରେ ରାଜାର ଆବଶ୍ୟକତା ନ ଥିଲା ମାତ୍ର "ମତ୍ସ୍ୟ ନ୍ୟାୟ" ପରେ ଅରାଜକତା ଓ ଅଶାନ୍ତିର ଫଳ ସ୍ୱରୂପ ଦଣ୍ଡନୀତିର ସୃଷ୍ଟି ଆବଶ୍ୟକ ହେଲା । ବିଶୃଙ୍ଖଳ ସମାଜରେ ଶୃଙ୍ଖଳା ସ୍ଥାପନ କରିବା କୃତିତ୍ୱ ମନୁଷ୍ୟର, ବ୍ରହ୍ମାଙ୍କର ନୁହେଁ । ରାଜନୀତି କ୍ଷେତ୍ରରେ ଦୈବୀ ହସ୍ତକ୍ଷେପ ମଧୁର କଳ୍ପନା ବ୍ୟତୀତ ଆଉ କିଛି ନୁହେଁ । ସମାଜରେ ଶାସନର ରୀତି ସମାଜର ବିକାଶ ସଙ୍ଗେ ସଙ୍ଗେ ଅଭିବୃଦ୍ଧି ଲାଭ କଲା । ବେଣୁଙ୍କ ଶବ ମନ୍ଥନ ଏହି ବିକାଶର ଗୋଟିଏ ରୂପକ କାହାଣୀ । ବିଶ୍ଳେଷଣ ଦ୍ୱାରା ଏହା ସ୍ପଷ୍ଟ ହୁଏ ସମାଜରେ ଦଣ୍ଡନୀତି ବା ରାଜତ୍ୱର ମୂଳକାରଣ ଅରାଜକର ସୃଷ୍ଟି । ଉତ୍ତମ ଶାନ୍ତି-ଶିଷ୍ଟଙ୍କ ପାଇଁ ଶାସନ ଅନାବଶ୍ୟକ, କାରଣ ସେମାନେ ଆତ୍ମସଂଯତ ଓ ସ୍ୱ-ଶାସିତ । ସମାଜ ଭିତରେ ଅରାଜକତା ଓ ଅନ୍ୟାୟ ପ୍ରବେଶ କଲେ କେହି କାହାକୁ ମାନେ ନାହିଁ, ସର୍ବଦା ପରସ୍ପର କଳହ ଲାଗେ ଓ ଅଶାନ୍ତିରେ କାଳ କଟାଇବାକୁ ସମସ୍ତେ ବାଧ୍ୟ ହୁଅନ୍ତି । ସେତେବେଳେ ସମାଜରେ ଏକ ପ୍ରକାର ମନ୍ଥନ ଚଲେ, ଅଶାନ୍ତି ଓ



Digitized by srujanika@gmail.com

ଅନୀତି ବୃଦ୍ଧି ପାଏ, ଅତ୍ୟାଚାରର ଅଧିକ ହୁଏ ଏବଂ ନ୍ୟାୟ ଓ ଶାନ୍ତିର ପ୍ରଭାବ ଊଣା ପଡ଼ିଯାଏ । ସେତେବେଳେ, ସାଗର ମନ୍ଥନରୁ ବିଷ ବାହାରିଲା ପରି, ଅଫଗାନସ୍ତାନରେ ବାଚ୍ଚାସାକ ପରି କେହି ଜଣେ ବଳବାନ ଦେଶର ସମସ୍ତ କ୍ଷମତା ନିଜ ହାତକୁ ବଳ ପୂର୍ବକ ନେଇ ଯାଇ ସମାଜର ଏକଛତ୍ରାଧିପତି ନିରଙ୍କୁଶ ମାଲିକ ହୋଇଯାଏ । ଏହାହିଁ ବେଣ୍ ମନ୍ଥନରୁ ନିଷାଦର ଆବିର୍ଭାବ । ମାତ୍ର ଏପରି ଦୁଷ୍ଟ ରାଜତ୍ୱ ବେଶୀ ଦିନ ତିଷ୍ଠି ପାରେ ନାହିଁ, ଧୂମକେତୁ ପରି ଅତି ଶୀଘ୍ର ଅଦୃଶ୍ୟ ହୋଇଯାଏ । ଉତ୍ତମ ରାଜତ୍ୱ, ଶାନ୍ତି, ନ୍ୟାୟ ଓ ଆନୁଷଙ୍ଗିକ ସକଳ ହିତକର କାର୍ଯ୍ୟ ଦେଶକୁ ଫେରି ଆସେ । ସେତେବେଳେ ପ୍ରଜାମାନେ ରାଜାଙ୍କଠାରେ ସମସ୍ତ କ୍ଷମତା ଅର୍ପଣ କରି ଭାବନ୍ତି "ନରାଣାଂ ନରାଧିପଃ" ।

ମହାଭାରତ ଯୁଗରେ ପ୍ରଜାନିର୍ଭରଶୀଳ ରାଜତ୍ୱ ସର୍ବଶ୍ରେଷ୍ଠ ବୋଲି ବିବେଚିତ ହୋଇଥିଲା । ରାଜାଙ୍କର ନିରଙ୍କୁଶତା ଲାଘବ କରିବାକୁ, ତାଙ୍କର ଅତ୍ୟାଚାର ଓ ଅନ୍ୟାୟ ଅସମ୍ଭବ କରିବା ପାଇଁ ନାନାବିଧ ପ୍ରଣୀତ ହୋଇଥିଲା । ମାତ୍ର ରାଜାହୀନ ରାଜ୍ୟର ଭାବ ତତ୍କାଳୀନ ଲୋକଙ୍କ ମନକୁ ଆଦୌ ସ୍ପର୍ଶ କରି ନ ଥିଲା, ରାଜା ନ ଥାଇ ରାଜ୍ୟ ହେବ, ଏପରି ବିଚାର କରିବାକୁ ତତ୍କାଳୀନ ଲୋକେ ଅସମର୍ଥ ଥିଲେ । ରାଜତନ୍ତ୍ରହିଁ ସେ ସମୟର ଏକମାତ୍ର ତନ୍ତ୍ର ଥିଲା । ସୌର ଜଗତର ସୂର୍ଯ୍ୟ ପରି ରାଜା ଥିଲେ ରାଷ୍ଟ୍ରର କେନ୍ଦ୍ର ସ୍ଥଳରେ । ଆଉ ସବୁ ତାଙ୍କ ଚତୁର୍ଦ୍ଦିଗ ଘେରି ଥିଲେ ଗ୍ରହମାନଙ୍କ ପରି । ସେ ସବୁ ଶକ୍ତିର ଏକମାତ୍ର କେନ୍ଦ୍ର ଥିଲା ରାଜଶକ୍ତି ।

ଏହି ରାଜକେନ୍ଦ୍ରୀଭୂତ ରାଷ୍ଟ୍ରଚକ୍ରର ଏକ ଅଙ୍ଗ ଥିଲା ମନ୍ତ୍ରୀ ପରିଷଦ । ମନ୍ତ୍ରଣାହୀନ ଶାସନ ଉଚିତ ବୋଲି ବିବେଚିତ ହେଉ ନ ଥିଲା । ରାମାୟଣରେ ମନ୍ତ୍ରୀ ମାନଙ୍କର ଆବଶ୍ୟକତା ଓ ପ୍ରାଧାନ୍ୟ ପୁଣି ସେମାନଙ୍କ କର୍ତ୍ତବ୍ୟ ଓ କ୍ଷମତା ବିଷୟ ବିଭିନ୍ନ ସ୍ଥାନରେ ବିଚାର କରା ଯାଇଛି । ମହାଭାରତରେ ମଧ୍ୟ ଏହି ଗୁରୁତର ବିଷୟଟିର ସମ୍ୟକ୍ ଆଲୋଚନା ହୋଇଅଛି । ମହାଭାରତୀୟ ମନ୍ତ୍ରୀ ଚାରି ପ୍ରକାର, ସହାର୍ଥ, ଭଜମାନ, ସହଜ ଓ କୃତ୍ରିମ । ସହାର୍ଥ ମନ୍ତ୍ରୀ ମନରେ କିଛି ଗୋଟିଏ ଉଦ୍ଦେଶ୍ୟ ରଖି ତାଙ୍କର କାର୍ଯ୍ୟ କରନ୍ତି । ଯେଉଁ ମନ୍ତ୍ରୀମାନେ ରାଜାଙ୍କ ପୂର୍ବପୁରୁଷଙ୍କ ମନ୍ତ୍ରୀ ଥିଲେ, ବା ଯେଉଁମାନଙ୍କର ପୂର୍ବପୁରୁଷମାନେ ମନ୍ତ୍ରୀ କାର୍ଯ୍ୟ କରୁଥିଲେ ସେମାନେ ଭଜମାନ ମନ୍ତ୍ରୀ । ପୁରୁଷାନୁକ୍ରମେ ସେମାନେ ମନ୍ତ୍ରୀ ହୁଅନ୍ତି ତେଣୁ ସେମାନଙ୍କର ଆବଶ୍ୟକୀୟ ଅନୁଭୂତି ଥାଏ ପୁଣି ପାରମ୍ପରିକ ଭାବେ ସେମାନେ ରାଜାଙ୍କର ବିଶ୍ୱାସ ଭାଜନ ଓ ଅନୁଗତ ହୋଇ ରହିଥାନ୍ତି । ମହାଭାରତ ମତରେ ଭଜମାନ ଜାତୀୟ ମନ୍ତ୍ରୀ ସର୍ବଶ୍ରେଷ୍ଠ । ତୃତୀୟ ପ୍ରକାର ମନ୍ତ୍ରୀ ରାଜାଙ୍କର ବନ୍ଧୁ ବାନ୍ଧବଙ୍କ ମଧ୍ୟରୁ ନିର୍ବାଚିତ ହେଉଥିଲେ । ସାଧାରଣରେ ରାଜମାତା ବା ରାଣୀଙ୍କ ବାନ୍ଧବମାନେ ଏହି କାର୍ଯ୍ୟ ପାଉଥିଲେ । ଏହି ଜାତୀୟ ମନ୍ତ୍ରୀ ସମସ୍ତଙ୍କ ଅପେକ୍ଷା ହୀନତମ ଓ ଅନିଷ୍ଟକାରକ । ତଦ୍ୱାରା ଶାସନ ଦୁର୍ବଳ ଓ ଶୃଙ୍ଖଳାହୀନ ହେବା ଅତିଶୟ ସ୍ୱାଭାବିକ । ସହଜ ମନ୍ତ୍ରୀ ନିର୍ବାଚନ ରାଜାଙ୍କ ଦୁର୍ବଳତାର ପରିଚାୟକ ଓ ରାଜ୍ୟର ଅନିଷ୍ଟ ସାଧକ । ଚତୁର୍ଥ ପ୍ରକାର ମନ୍ତ୍ରୀମାନଙ୍କର ଏକମାତ୍ର ଲକ୍ଷ୍ୟ ଧନାର୍ଜନ । ରାଜଭକ୍ତି କିମ୍ବା ପ୍ରଜା ପ୍ରୀତି ସେମାନଙ୍କଠାରେ ସ୍ୱପ୍ନ । ସେମାନଙ୍କ କର୍ତ୍ତବ୍ୟାଗ୍ରହ ଓ ଧନ ଲାଭ ମଧ୍ୟରେ ଘନିଷ୍ଠ ଅନୁପାତ ରହିଥିଲା । ସୁବର୍ଣ୍ଣହିଁ ରାଜାଙ୍କ ନିକଟରେ ସେମାନଙ୍କୁ ବାନ୍ଧି ରଖିଥିଲା । ହାର୍ଦ୍ଦିକ ସମ୍ବନ୍ଧ ସେମାନଙ୍କର ଆଦୌ ନ ଥିଲା ।

ମନ୍ତ୍ରୀମାନଙ୍କ ବ୍ୟତୀତ ଆହୁରି ଅନେକ ରାଜକର୍ମଚାରୀ ନିଯୁକ୍ତ ହେଉଥିଲେ । ସେମାନଙ୍କୁ ସେମାନଙ୍କର ଚରିତ୍ର ବଳ, ନ୍ୟାୟ ବୁଦ୍ଧି, ସତ୍ୟବାଦିତା, ନିରପେକ୍ଷତା, ଓ ବିଶ୍ୱାସ ପରାୟଣତା ପ୍ରଭୃତି ଗୁଣ ପରୀକ୍ଷା କରି ରାଜକାର୍ଯ୍ୟରେ ନିଯୁକ୍ତ କରା ଯାଉଥିଲା । ମାତ୍ର ରାଜା କୌଣସି କର୍ମଚାରୀଙ୍କୁ ସମ୍ପୂର୍ଣ୍ଣ ବିଶ୍ୱାସ କରିବା ଅନୁଚିତ ଓ ବିପଜ୍ଜନକ ବୋଲି ମହାଭାରତର ସ୍ପଷ୍ଟ ଉପଦେଶ । ବିଶ୍ୱାସ ସୀମା ଲଙ୍ଘନ କଲେ ବିଷମୟ ଫଳ ନିଶ୍ଚିତ । ରାଜା ନିଜେହିଁ ନିଜର ଉପଦେଷ୍ଟା, ଅନ୍ୟ କାହା ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ହେବା ଅନୁଚିତ ।

ପରିଷଦରେ ମନ୍ତ୍ରୀମାନଙ୍କର ସଂଖ୍ୟା ଶାନ୍ତି ପର୍ବରେ ବିଚାର କରା ଯାଇଛି । ରାମାୟଣରେ ମଧ୍ୟ ଏହାର ବିଶଦ ଆଲୋଚନା ହୋଇଅଛି । ବହୁତ ଲୋକରେ ଯେପରି ମନ୍ତ୍ରଣା ମରେ ନାହିଁ, ସେପରି ବହୁତ ମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟ ଶାସନ ଭଲ ଚଳେ ନାହିଁ । ମନ୍ତ୍ରୀ ପରିଷଦର ଗରିଷ୍ଠ ସଂଖ୍ୟା ଅବଶ୍ୟ ଦିଆ ଯାଇଛି ସଇତିରିଶି, ମାତ୍ର ସାଧାରଣତଃ ଅଷ୍ଟ ପ୍ରଧାନ ମଣ୍ଡିତ ମନ୍ତ୍ରୀ ପରିଷଦ ମହାରାଜା ଦଶରଥଙ୍କଠାରୁ ଛତ୍ରପତି ଶିବଜୀଙ୍କ ପର୍ଯ୍ୟନ୍ତ ଚଳି ଆସିଛି । ମହାଭାରତର ମନ୍ତ୍ରୀ ପରିଷଦ ଗଠନ ପ୍ରଣାଳୀରେ ଜାତି ଓ ବର୍ଣ୍ଣର ବିଚାର କରା ଯାଇଛି ପରିଷଦରେ ଗରିଷ୍ଠ ସଂଖ୍ୟା ରଖାଗଲେ, ସେଥିରୁ ଚାରି ଜଣ ହେବେ ବ୍ରାହ୍ମଣ, ଆଠ ଜଣ କ୍ଷତ୍ରିୟ, ଏକୋଇଶି ଜଣ ବୈଶ୍ୟ, ତିନି ଜଣ ଶୂଦ୍ର ଓ ଜଣେ ସୂତ ବା ରଥଚାଳକ । ପରିଷଦରେ ଜଣେ ପ୍ରଧାନ ମନ୍ତ୍ରୀ ରହିବେ । ପରିଷଦର ସଂଖ୍ୟା ଆଠ ହେଲେ ଚାରି ଜଣ ବ୍ରାହ୍ମଣ, ତିନି ଜଣ ଶୂଦ୍ର ଓ ଜଣେ ସୂତ ନିଯୁକ୍ତ ହେବେ । ଦ୍ୱିତୀୟ ପ୍ରକାର ପରିଷଦରେ କ୍ଷତ୍ରିୟ କିମ୍ବା ବୈଶ୍ୟ ମନ୍ତ୍ରୀଙ୍କ ପାଇଁ ସ୍ଥାନ ଦିଆଯାଇ ନାହିଁ । ଏପରି ବର୍ଣ୍ଣନାରୁ ପରିଷଦ, ଗଠନ ସମ୍ବନ୍ଧେ କୌଣସି ନିର୍ଦ୍ଦିଷ୍ଟ ରୀତି ଜଣାଯାଏ ନାହିଁ, ମାତ୍ର ଏତିକି ଜଣାଯାଏ ଯେ ପୌରାଣିକ ଭାରତରେ ଉଚ୍ଚ ନୀଚ ସବୁ ଜାତିର ଲୋକେ ସର୍ବୋଚ୍ଚ ମନ୍ତ୍ରୀ କାର୍ଯ୍ୟ ପର୍ଯ୍ୟନ୍ତ ପାଇବାକୁ ତତ୍କାଳୀନ ବର୍ଣ୍ଣାଶ୍ରମ ଧର୍ମ କୌଣସି ପ୍ରକାର ପ୍ରତିବନ୍ଧ ଦେଉ ନ ଥିଲା, ପୁଣି ସବୁ ଜାତିର ଲୋକେ ମନ୍ତ୍ରୀ ହୋଇ ରାଜାଙ୍କଠାରେ ଏକାସନରେ ବସିବାକୁ ଅଧିକାର ପାଇଥିଲେ । ପରିଷଦରେ ବିଭିନ୍ନ ବର୍ଣ୍ଣର ମନ୍ତ୍ରୀ ରହିବାରୁ ତାହା ପ୍ରତିନିଧିମୂଳକ ହୋଇଥିଲା ।

ତାହା ବୋଲି ମନ୍ତ୍ରୀ ନିର୍ବାଚନ ଜାତିଗତ ହୋଇଥିଲା ବୋଲି ବୁଝିବାକୁ ହେବ ନାହିଁ । ରାଜା କେବଳ ବ୍ୟକ୍ତିଗତ ଗୁଣ ଉପରେ ନିର୍ଭର କରି ମନ୍ତ୍ରୀ ନିଯୁକ୍ତ କରୁଥିଲେ । ଭୀଷ୍ମଙ୍କ ମତରେ ଯେ କୌଣସି ଲୋକ (କୌଣସି ଜାତିର ପ୍ରତିନିଧି ବୋଲି) ମନ୍ତ୍ରୀ ପଦକୁ ଉନ୍ନୀତ ହେବା ଉଚିତ ନୁହେଁ । ସେମାନେ ଉଚ୍ଚ କୁଳ ସମ୍ଭୂତ, ଶିକ୍ଷିତ, ଗଭୀର ପାଣ୍ଡିତ୍ୟ ପୂର୍ଣ୍ଣ, ସହିଷ୍ଣୁ ଓ ଅସ୍



Digitized by srujanika@gmail.com

ସଂଯତ ହୋଇଥିବା ଆବଶ୍ୟକ । ସ୍ୱଦେଶୀ ମନ୍ତ୍ରୀ ବିଦେଶୀ ଅପେକ୍ଷା ନିଶ୍ଚୟ ସର୍ବଥା ନିର୍ବାଚନ ଯୋଗ୍ୟ । ସେ ରୂପବାନ ଓ ହୃଷ୍ଟଚିତ୍ତ ହୋଇ ଅନ୍ୟଙ୍କୁ ସନ୍ତୁଷ୍ଟ କରୁଥିବା ଆବଶ୍ୟକ । ତାଙ୍କୁ ଗ୍ରାମ ଓ ସହରବାସୀଙ୍କର ନେତା ହେବାକୁ ହେବ । ତାଙ୍କ ଠାରେ ଧୈର୍ଯ୍ୟ, ଶାନ୍ତ ସ୍ୱଭାବ ଓ ଆତ୍ମ ବିଶ୍ୱାସ ରହିବା ଆବଶ୍ୟକ । କଥୋପକଥନ ବା ବାଦାନୁବାଦରେ ତାଙ୍କର ଅତିନବେଶ ଓ ବୁଦ୍ଧି ଥିବା ଦରକାର । ତାଙ୍କର ବଚନ ମଧୁର ହେବା ସଙ୍ଗେ ସଙ୍ଗେ ସେ କୂଟନୀତିପରାୟଣ ମଧ୍ୟ ହେବା ଉଚିତ ।

ଶାସନର ଦ୍ୱିତୀୟ ପ୍ରଧାନ ଅଙ୍ଗ ଗୁପ୍ତଚର । ରାଜାଙ୍କ ଅନ୍ୟ ନାମ ‘ଚାର ଚକ୍ଷୁ’ । ଏହି ବିଭାଗରେ ବିଚକ୍ଷଣ କୂଟନୀତି ବିଶାରଦ ଓ ପ୍ରତାରଣା ପୂର୍ଣ୍ଣ ବ୍ୟକ୍ତି ନିଯୁକ୍ତ ହେବା ଆବଶ୍ୟକ । କ୍ଷୀଣ ର କ୍ଷୀଣ ଗୁପ୍ତଚର ହେବା ପାଇଁ ଯୋଗ୍ୟ ଅଟନ୍ତି । ସନ୍ନ୍ୟାସୀ ଓ ପାଷଣ୍ଡମାନେ ଏହି ବିଭାଗରେ ନିଯୁକ୍ତ ହୋଇ ରାଜ୍ୟର ବିଭିନ୍ନ ସ୍ଥାନରୁ ସମ୍ବାଦ ଆଣନ୍ତି । ମଦ୍ୟ ଦୋକାନ ସମ୍ବାଦ ଜାଣିବା ପାଇଁ ଗୁପ୍ତଚରମାନଙ୍କର ଗୋଟିଏ ପ୍ରଶସ୍ତ ସ୍ଥଳ । ଧର୍ମଶାଳା ଓ ଅତିଥି ଶାଳା ମଧ୍ୟ ତଦ୍ରୂପ । ବିଦେଶାଗତ ଆଗନ୍ତୁକମାନେ ରାଜାଙ୍କ ବିରୁଦ୍ଧରେ ସେପରି ସ୍ଥାନରେ ରାଜଦ୍ରୋହୀମାନଙ୍କ ସଙ୍ଗେ ଷଡ଼ଯନ୍ତ୍ର କରିବା ଅତି ସ୍ୱାଭାବିକ ।

ରାଜଶକ୍ତିର ଦୁଇଟି ପ୍ରଧାନ ସ୍ଥାନ ସୈନ୍ୟ ବିଭାଗ ଓ ରାଜକୋଷ । ମହାଭାରତ କହେ, “ଯେଉଁଠାରେ ବଳ (ସେନା) ନାହିଁ ସେଠାରେ କୋଷ ରହି ନ ପାରେ ଓ ଯେଉଁଠାରେ କୋଷ ନାହିଁ ସେଠାରେ ବଳ ରହି ନ ପାରେ”। ସୈନ୍ୟ ବଳ ଓ ଧନ ରାଜାଙ୍କର ଯେପରି ଅତ୍ୟନ୍ତ ଆବଶ୍ୟକ ସେହିପରି ପରସ୍ପର ନିର୍ଭରଶୀଳ । ସବଳ ଓ ବିପୁଳ ସେନା ଥିଲେ ଧନ ଆଦାୟ ହୋଇ ପାରେ । ମାତ୍ର ଧନ ନ ଥିଲେ ବିପୁଳ ସେନା ରଖିବା ଅସମ୍ଭବ । ତେଣୁ ପ୍ରତିଦିନ ରାଜା ଧନାଗାର ପ୍ରତି ଦୃଷ୍ଟି ଦେବେ ଓ ତାହାର ପୁଷ୍ଟି ସାଧନରେ ବ୍ରତୀ ହେବେ । ପ୍ରତିଦିନ ରାଜକୋଷକୁ ଧନର ସ୍ରୋତ ବହିବା ଆବଶ୍ୟକ ।

ସଭ୍ୟତା ମୂଳକ ଶାସନରେ କରାଦାୟର ପନ୍ଥା ନିର୍ଣ୍ଣୟ ପ୍ରଧାନ । ଶାସନର ଭଲ ମନ୍ଦ ସେଥିରୁ ଜଣାଯାଏ । ସୁସଭ୍ୟ ସରକାରଙ୍କଠାରୁ ପ୍ରଜାପୁଞ୍ଜ ଯେଉଁ ଶାନ୍ତି ଓ ନିଶ୍ଚିନ୍ତଭାବ ଲାଭ କରନ୍ତି ତାହାର ମୂଲ୍ୟ ସ୍ୱରୂପ ସେମାନଙ୍କୁ ଖଜଣା ଦେବାକୁ ହୋଇଥାଏ । କର ଆଦାୟ ସମ୍ବନ୍ଧେ ଶାନ୍ତି ପର୍ବରେ କେତୋଟି ନିୟମ ବିଧି ବଦ୍ଧ କରା ଯାଇଅଛି । ସେଗୁଡ଼ିକ ବର୍ତ୍ତମାନ କାଳୀନ ସରକାରଙ୍କର ମଧ୍ୟ ପ୍ରଣିଧାନ ଯୋଗ୍ୟ । ରାଜା ପ୍ରଜାଙ୍କ ଠାରୁ କର ଆଦାୟ କଲା ବେଳେ ତାଙ୍କ ମନରେ ଲୋଲୁପତା କିମ୍ବା କ୍ରୋଧ ରହିବା ଅନୁଚିତ । ଉତ୍ତମ ରାଜା, ଯେତେ ପାରିବେ ସେତେ ନେବେ ବା ପ୍ରଜାମାନଙ୍କ ଉପରେ କର ଭାର ଲଦି ଦେଇ ସେମାନଙ୍କୁ ଦୁର୍ବଳ ଓ ସର୍ବସ୍ୱାନ୍ତ କରି ଦେବେ, ଏପରି ଭାବ ପୋଷଣ କରନ୍ତି ନାହିଁ । ମାତ୍ର ରାଜାଙ୍କର ସଦିଚ୍ଛା ଓ ପ୍ରଜାଙ୍କୁ ଉପକାର କରିବା ଭାବ ଅସାଧୁ ଓ ବିଚକ୍ଷଣତାହୀନ କର୍ମଚାରୀଙ୍କ ଦ୍ୱାରା ପଣ୍ଡ ହୋଇ ଯାଏ । ମହାରାଜା ଅଶୋକ ମଧ୍ୟ ଠିକ୍ ଏହି ମନ୍ତବ୍ୟ ତାଙ୍କ ଶିଳାନୁଶାସନ ଗୁଡ଼ିକରେ ପରବର୍ତ୍ତୀ କାଳରେ ଲେଖାଇ ଥିଲେ । ତେଣୁ ନିର୍ଦ୍ଦୟ, କ୍ରୂର, ଲୋଲୁପ ଓ ଅଶିକ୍ଷିତ ବ୍ୟକ୍ତି ଉପରେ କର ଆଦାୟ ଭାର ନ୍ୟସ୍ତ କରିବା ଅନୁଚିତ । ମହାଭାରତ ସମୟରେ ଜମିର ସମୁଦାୟ ଆଦାୟ (gross produce) ର ଷଷ୍ଠାଂଶ ରାଜଭାଗ ରୂପେ ସ୍ଥିର ହୋଇଥିଲା । ବଣିକମାନେ ମଧ୍ୟ ସେମାନଙ୍କ ଲାଭର କିୟଦଂଶ ରାଜାଙ୍କୁ କର ସ୍ୱରୂପ ଦେଉଥିଲେ । ଜମି ଓ ବାଣିଜ୍ୟ କର ବ୍ୟତୀତ ରାଜା ପ୍ରଜାଙ୍କଠାରୁ ଆୟ କର (Income tax) ମଧ୍ୟ ନେଉଥିଲେ । ରାଜକର୍ମଚାରୀମାନେ ଯେଉଁ ଦରମା ପାଉଥିଲେ ସେହି ଦରମା ଉପରେ ଏହି ଆୟ କର ବସୁଥିଲା । କର ସମ୍ବନ୍ଧେ ନିୟମ ଥିଲା ଯେ ପ୍ରତ୍ୟେକ ଆଦାୟକାରୀ ତାହାର ଆଦାୟରୁ ରାଜାଙ୍କୁ ନିର୍ଦ୍ଦିଷ୍ଟ ଅଂଶ ପ୍ରଦାନ କରିବ । ମାତ୍ର ଏପରି କେତେ ବୃତ୍ତି ଥିଲା ଯାହାର ଅବଲମ୍ବନରେ କୌଣସି ଧନାଦାୟ ହେଉ ନ ଥିଲା । ଯେଉଁ ବ୍ରାହ୍ମଣମାନେ ଆଧ୍ୟାତ୍ମିକ ଚିନ୍ତାରେ ବ୍ୟାପୃତ ରହି ଧନାଗମର ଉପାୟ କରୁ ନ ଥିଲେ ସେମାନଙ୍କ ଠାରୁ ରାଜା କୌଣସି କର ଗ୍ରହଣ କରୁ ନ ଥିଲେ । ମାତ୍ର ଏପରି କେତେ ବ୍ରାହ୍ମଣ ଥିଲେ ସେମାନେ ଅନ୍ୟ ବୃତ୍ତି ଅବଲମ୍ବନ କରି ଧନାଦାୟ କରୁଥିଲେ, ଯଥା ପତ୍ର ବାହକ, ପୁରୋହିତ, ଜ୍ୟୋତିଷୀ । ସେମାନେ ରାଜାଙ୍କୁ ରୀତିମତ କର ଦେଉଥିଲେ । ଯେଉଁ ବ୍ରାହ୍ମଣମାନେ ରାଜକର୍ମଚାରୀ ହୋଇ ବେତନ ପାଉଥିଲେ ଅନ୍ୟ କର୍ମଚାରୀମାନଙ୍କପରି ସେମାନେ ମଧ୍ୟ ରାଜାଙ୍କୁ ଆୟ କର ଦେଉଥିଲେ । ଏହି ଭାବେ ମହାଭାରତ ଯୁଗରେ ଜାତିବର୍ଣ୍ଣ ବିଚାର ନ ଥାଇ ଆର୍ଥିକ ଅବସ୍ଥାକୁ ଧରି ପ୍ରତ୍ୟେକ ପ୍ରଜାଠାରୁ କର ଅସୁଲ କରା ଯାଉଥିଲା ।

ପ୍ରଜାମାନଙ୍କ ଉପରେ ଅତ୍ୟଧିକ କର ପୀଡ଼ାର ଅନୌଚିତ୍ୟ ସମ୍ବନ୍ଧେ ମହାଭାରତର ମତ ଖୁବ ସ୍ପଷ୍ଟ । ସେପରି କରିବା ରାଜାଙ୍କ ପକ୍ଷେ ଅନୁଚିତ ଓ ଅନ୍ୟାୟ । ତଦ୍ୱାରା କେବଳ ପ୍ରଜାଙ୍କର ନୁହେଁ, ରାଜାଙ୍କର ମଧ୍ୟ ଅନିଷ୍ଟ ଘଟେ । ଅଧିକ ଦୁଧ ଆଶାରେ ଅଜ୍ଞ ଲୋକ ଯେପରି ଗାଈର ପହ୍ନା କାଟି ଦିଏ ସେହିପରି ଅତ୍ୟଧିକ ଅର୍ଥ ଲୋଲୁପ ହୋଇ ରାଜା ପ୍ରଜାଙ୍କ ଠାରୁ ଅତ୍ୟଧିକ କର ଆଦାୟ କରି ସେମାନଙ୍କୁ ନିଃସ୍ୱ ଦୁର୍ବଳ କରି ପକାନ୍ତି । ସେପରି ରାଜା ଅଙ୍ଗାର ଲୋଭରେ ବୃକ୍ଷ ଜାଳିବା ବ୍ୟକ୍ତି ପରି ମୂର୍ଖ ଅଟନ୍ତି । ବଗିଚା ରକ୍ଷକ ଯେପରି ତାହାର ବୃକ୍ଷଗୁଡ଼ିକୁ ସଯତ୍ନେ ପାଳନ କରି ଫଳ ମୂଳ ଆଦାୟ କରେ ସେପରି ବୁଦ୍ଧିମାନ ରାଜା ପ୍ରଜାଙ୍କୁ କର ପୀଡ଼ା ନ ଦେଇ ନିଜେ ସମୃଦ୍ଧିଶାଳୀ ହୁଅନ୍ତି ।

କର ସଂଗ୍ରହର ଏହି କୋମଳ ନୀତିକୁ ସମୟେ ସମୟେ ରାଜାଙ୍କୁ ବ୍ୟତିକ୍ରମ କରିବାକୁ ହେଉଥିଲା । ଯେତେବେଳେ ସେ ଯୁଦ୍ଧରେ ପ୍ରବୃତ୍ତ ହେଉଥିଲେ ସେ ବାଧ୍ୟ ହୋଇ ପ୍ରଜାଙ୍କଠାରୁ ଅଧିକ କର ନେଉଥିଲେ । ସେପରି ଅସାଧାରଣ ପରିସ୍ଥିତିରେ, ଯେତେବେଳେ ରାଜ୍ୟକୁ ଶତ୍ରୁ ଆକ୍ରମଣରୁ ରକ୍ଷା କରିବା ସମସ୍ତଙ୍କର ସର୍ବପ୍ରଥମ କାର୍ଯ୍ୟ ସେତେବେଳେ ଅଧିକ କର ଦେବାକୁ ପଶ୍ଚାତ୍‌ପଦ ହେବା ପ୍ରଜାମାନଙ୍କ ପକ୍ଷେ ମଧ୍ୟ ଶୋଭନୀୟ ନୁହେଁ;

ର ରାଜ୍ୟ ପକ୍ଷରେ ମଙ୍ଗଳପ୍ରଦ ନୁହେଁ ଯୁଦ୍ଧ ଦେଶର ଓ ଜାତିର— କେବଳ ଜଣେ ରାଜାଙ୍କର ନୁହେଁ। ତେଣୁ ଜାତିଠାରୁ ଅଧିକ କର ନେଇ ରାଜା ଯୁଦ୍ଧ ଚଳାଇଲେ ସେ ଦୋଷୀ ହୋଇ ନ ପାରନ୍ତି।

ପ୍ରଜାଙ୍କଠାରୁ କର ସଂଗ୍ରହ କରି ରାଜକୋଷରେ ରଖି ଦେବାମାତ୍ରେ ରାଜାଙ୍କର କର୍ତ୍ତବ୍ୟ ଶେଷ ହୁଏ ନାହିଁ। ସେହି ଧନକୁ ପ୍ରଜାଙ୍କ ମଙ୍ଗଳ ସକାଶେ ବିନିଯୋଗ କରିବା ତାଙ୍କର ଦ୍ୱିତୀୟ ପ୍ରଧାନ କର୍ତ୍ତବ୍ୟ। ମହାଭାରତରେ ଲେଖା ଯାଇଛି ଗ୍ରୀଷ୍ମ କାଳରେ ସୂର୍ଯ୍ୟ ବାଷ୍ପ ଆଦାୟ କରି ବର୍ଷା ଋତୁରେ ଯେପରି ବୃଷ୍ଟି ପ୍ରଦାନ କରେ ସେହିପରି ରାଜା ପ୍ରଜାଙ୍କ ହିତାର୍ଥେ ସେମାନଙ୍କ ଠାରୁ ସଂଗୃହୀତ ଧନ ବ୍ୟୟ କରନ୍ତି। ପ୍ରଜାଙ୍କର ଆର୍ଥିକ ଅବସ୍ଥା ଠିକ୍ ରଖିବା ରାଜାଙ୍କର ଅନ୍ୟ ଏକ କର୍ତ୍ତବ୍ୟ। ସମସ୍ତ ପ୍ରଜାଙ୍କୁ ଅର୍ଥାଭାବରୁ ମୋଚନ କରିବା ତାଙ୍କର କାର୍ଯ୍ୟ। ରାଜାଙ୍କ ଆଦେଶ ହେଲେ କେବଳ ଧନୀ ଦରିଦ୍ରକୁ ସାହାଯ୍ୟ କରେ। ଦାନ ବା ଋଣ ପ୍ରଦାନ ଦ୍ୱାରା ଏପରି ସାହାଯ୍ୟ କରା ଯାଇପାରେ। ରାଜାଙ୍କୁ ଦେଖିବାକୁ ହେବ ସମାଜରେ ଏପରି ସାହାଯ୍ୟ କରା ଯାଉଛି କି ନାହିଁ, ଦାରିଦ୍ର୍ୟ ଓ କ୍ଷୁଧାରୁ ପ୍ରଜାମାନଙ୍କୁ ବଞ୍ଚାଇ ରଖିବାରେ ରାଜାଙ୍କର କୌଣସି ଅବହେଳା ଶୋଭନୀୟ ନୁହେଁ। ରାଜା ନୀରବ ରହିଲେ ଧନୀମାନେ ଗରିବର କଦାଚ ସାହାଯ୍ୟ କରିବେ ନାହିଁ। ତେଣୁ ଧନୀମାନଙ୍କୁ ଜଣାଇ ଦେବା ଆବଶ୍ୟକ ଯେ ଦରିଦ୍ରର ସାହାଯ୍ୟ ସେମାନେ କରିବାକୁ ବାଧ୍ୟ। ଏପରି କରିବାକୁ ହେଲେ ପ୍ରଜାଙ୍କର ବ୍ୟକ୍ତିଗତ ଆର୍ଥିକ ବିଷୟରେ ରାଜାଙ୍କର ହସ୍ତକ୍ଷେପ ନିତାନ୍ତ ଦରକାର। ବ୍ୟକ୍ତିଗତ ସ୍ୱାଧୀନତା ନାମରେ ରାଜା ଏଥି ସମ୍ବନ୍ଧେ ନୀରବ ରହିଲେ ଦରିଦ୍ର ପ୍ରଜାଙ୍କର ହୀନାବସ୍ଥା କେବେ ଭଲ ହୋଇ ନ ପାରେ।

ରାଜ୍ୟ ଶାସନର ସାଧାରଣ ନୀତି ବ୍ୟତୀତ ଶାସନର ଦୈନନ୍ଦିନ କାର୍ଯ୍ୟକଳାପ ପୁଣି ରାଜ କର୍ମଚାରୀମାନଙ୍କ ବ୍ୟକ୍ତିଗତ କର୍ତ୍ତବ୍ୟ ଓ ପରସ୍ପର ସମ୍ବନ୍ଧ ମହାଭାରତରୁ ଜଣାଯାଏ। ରାଜତନ୍ତ୍ର ଚଳାଇବାକୁ ହେଲେ ରାଜାଙ୍କଠାରୁ ଆରମ୍ଭ କରି ସର୍ବ ନିମ୍ନ କର୍ମଚାରୀ ପର୍ଯ୍ୟନ୍ତ କ୍ରମାନ୍ୱୟରେ ଅନେକ କର୍ମଚାରୀ ନିଯୁକ୍ତ ହେବା ଆବଶ୍ୟକ। ମହାଭାରତର ଶାସନ ପ୍ରଣାଳୀଟି ଗ୍ରାମରୂପ ଭିତ୍ତି ଉପରେ ସ୍ଥାପିତ ହୋଇ ଥିଲା। ପ୍ରତ୍ୟେକ ଗ୍ରାମରେ ଜଣେ ଗ୍ରାମାଧିକାରୀ ଥିଲେ। ଗ୍ରାମରେ ସେ ଥିଲେ ରାଜାଙ୍କର ପ୍ରତିନିଧି। ପ୍ରତ୍ୟେକ ଦଶଟି ଗ୍ରାମ ମିଶାଇ ଗୋଟିଏ ବିଭାଗ ହୋଇଥିଲା। ଏହି ବିଭାଗରେ ଜଣେ ପରିଚାଳକ ନିଯୁକ୍ତ ହୋଇଥିଲେ। ଏହିପରି ଶହେ ଗୋଟି ବିଭାଗ ମିଶାଇ ଗୋଟିଏ ବୃହତ୍ ବିଭାଗ କରା ଯାଇଥିଲା। ଏହି ବୃହତ୍ତର ବିଭାଗର ଅଧିକାରୀଙ୍କ ଅଧୀନରେ ଏକ ହଜାର ଗ୍ରାମ ରହୁଥିଲା। ଏହିପରି ଜଣକ ତଳେ ଜଣେ କର୍ମଚାରୀ ନିଯୁକ୍ତ ହେଉଥିଲେ। ବୃହତ୍ତମ ବିଭାଗୀୟ ଅଧିକାରୀଙ୍କ ସହିତ ରାଜାଙ୍କର ସାକ୍ଷାତ୍ ସମ୍ବନ୍ଧ ରହିଥିଲା। ମାତ୍ର ରାଜା କୌଣସି ରାଜକାର୍ଯ୍ୟ ନିଜେ ଏକାକୀ ନ କରି ଗୋଟିଏ ରାଜସଭାର ପରାମର୍ଶରେ କରୁଥିଲେ। ରାଜକୀୟ ସମସ୍ତ କାର୍ଯ୍ୟ ଓ ନିବେଦନ ତଳରୁ ଉପରକୁ ନିୟମ ଅନୁସାରେ ଯିବାର ବିଧି ଥିଲା। ତେଣୁ କୌଣସି ବିଶୃଙ୍ଖଳା ନ ଥାଇ ରାଜକାର୍ଯ୍ୟ ପରିଚାଳିତ ହେଉଥିଲା। ପ୍ରତ୍ୟେକେ ସ୍ୱକୀୟ ସୀମାରେ ଆବଦ୍ଧ ହୋଇ ରାଜକାର୍ଯ୍ୟ ଚଳାଉଥିବାରୁ ତାହା ଭଲ ଭାବେ ଚଳୁଥିଲା। କୌଣସି କର୍ମଚାରୀଙ୍କ କର୍ତ୍ତବ୍ୟରେ ଅନ୍ୟ କୌଣସି କର୍ମଚାରୀ ବାଧା ଦେଉ ନ ଥିଲେ। ପରସ୍ପର କର୍ତ୍ତବ୍ୟ ବା ଅଧିକାର ଉପରେ ହସ୍ତକ୍ଷେପ ଦୈନନ୍ଦିନ ଶାସନ ପରିଚାଳନାର ଗୋଟିଏ ଗୁରୁତର ଦୋଷ। ଏପରି ଅନଧିକାର ଚର୍ଚ୍ଚା ହେଲେ କର୍ମଚାରୀମାନଙ୍କର ସ୍ୱ ସ୍ୱ କାର୍ଯ୍ୟରେ ଶ୍ରଦ୍ଧା କମିଯାଏ ଓ ଶାସନ ବିଶୃଙ୍ଖଳ ହୋଇ ପଡ଼େ ଏବଂ ବଳବାନ, ଧନୀ ଓ ପ୍ରଭାବଶାଳୀମାନେ କେବଳ ନିଜର ସ୍ୱାର୍ଥ ସିଦ୍ଧି କରି ଅନ୍ୟ ମାନଙ୍କର ଅମଙ୍ଗଳ କରନ୍ତି।

ବିଚାର ବିଭାଗ ଶାସନର ଅନ୍ୟ ଏକ ପ୍ରଧାନ ଅଙ୍ଗ। ଦୋଷୀକୁ ଦଣ୍ଡ ଦେବାହିଁ ଦଣ୍ଡ ନୀତି। ଦୁଷ୍ଟ ଦମନ ଓ ଶିଷ୍ଟ ପାଳନ ଭଗବାନଙ୍କ ଠାରୁ ଆରମ୍ଭ କରି ରାଜାଙ୍କର ବିଚାରପତି ପର୍ଯ୍ୟନ୍ତ ସମସ୍ତଙ୍କର ଗୋଟିଏ ପ୍ରଧାନ କାର୍ଯ୍ୟ। ଜଣେ ପ୍ରଜା ଅନ୍ୟ ପ୍ରଜା ବିରୁଦ୍ଧରେ ନିବେଦନ କଲେ ରାଜା ଗୋଟିଏ ସଭା ବସାଇ ସେ ବିଷୟ ବିଚାର କରିବା ଆବଶ୍ୟକ। ବିଚାର, ନ୍ୟାୟ ଓ ଦଣ୍ଡ ପ୍ରକାଶ୍ୟ ଭାବରେ ପୁଣି ଉତ୍ତମ ପରାମର୍ଶ ପରେ ହେବା ଉଚିତ। ବିଷୟଟି ବିଚାର କଲାବେଳେ ଉଭୟ ପକ୍ଷକୁ ବିଚାରାଳୟରେ ସାକ୍ଷ୍ୟ ଆଣିବାକୁ ସମାନ ସୁଯୋଗ ଦେବାକୁ ହେବ, ପୁଣି ବିଷୟଟିର ଆମୂଳଚୂଳ ବିଚାର କରିବାକୁ ହେବ। ସମୟେ ସମୟେ ଦାରିଦ୍ର୍ୟ, ପ୍ରଭାବହୀନତା, ଅପ୍ରସ୍ତୁତତା ଓ ବିପକ୍ଷ ପକ୍ଷର କୌଶଳ, ଧନ ଓ ପ୍ରଭାବ ହେତୁ କୌଣସି ବ୍ୟକ୍ତି ଉପଯୁକ୍ତ ସାକ୍ଷ୍ୟ ସଂଗ୍ରହ କରିବାକୁ ଅକ୍ଷମ ହୋଇପାରେ। ସେପରି ଅବସ୍ଥାରେ ଅତି ଜାଗ୍ରତ ଭାବେ, ସାକ୍ଷ୍ୟ ଉପରେ ଏକାନ୍ତ ନିର୍ଭର ନ କରି ବିଚାର କରିବା ଉଚିତ। ସାକ୍ଷୀମାନେ ସମସ୍ତେ ସତ୍ୟବାଦୀ ନୁହନ୍ତି। ନାନା କାରଣରୁ ସେମାନେ ଅକୁଣ୍ଠିତ ଚିତ୍ତରେ ମିଥ୍ୟା ସାକ୍ଷ୍ୟ ଦିଅନ୍ତି। ତେଣୁ ସାକ୍ଷ୍ୟ ଜାଗ୍ରତଭାବେ ବିଚାର କରି ନ୍ୟାୟ ଦେବା ଉଚିତ।

କୌଣସି ବ୍ୟକ୍ତି ଦୋଷୀ କି ନିର୍ଦ୍ଦୋଷ ଜାଣିବାକୁ ରାଜା ବା ବିଚାରପତି ଯତ୍ପରୋନାସ୍ତି ଚେଷ୍ଟା କରିବେ। ଯଦି ଦୋଷୀ ବୋଲି ଠିକ୍ ହେଲା ତେବେ ତାହାକୁ ଉପଯୁକ୍ତ ଦଣ୍ଡ ଦେବାରେ ଅବହେଳା କରିବେ ନାହିଁ। ନ୍ୟାୟ ସମ୍ମୁଖରେ ସମସ୍ତେ ସମାନ; ସେମାନେ ଧନୀ ହୁଅନ୍ତୁ, ନିର୍ଦ୍ଧନ ହୁଅନ୍ତୁ, ଉଚ୍ଚ ହୁଅନ୍ତୁ, ନୀଚ ହୁଅନ୍ତୁ ଦୋଷ କଲେ ଦଣ୍ଡ ପାଇବାକୁ ବାଧ୍ୟ। ନିରପେକ୍ଷ ବିଚାର ନ୍ୟାୟର ପ୍ରଧାନ ଗୁଣ। ନ୍ୟାୟ ସମ୍ମୁଖରେ ରାଜାଙ୍କର ପତ୍ନୀ ଓ ପୁତ୍ର ମୁଦ୍ଧା ଅନ୍ୟ ଲୋକଙ୍କ ସଙ୍ଗେ ସମାନ। ତେଣୁ ସେମାନେ ମଧ୍ୟ ଦୋଷ କଲେ ଅନ୍ୟ ଲୋକଙ୍କ ପରି ଦଣ୍ଡଣୀୟ ହେବେ।

ନ୍ୟାୟର ଗୋଟିଏ ଦୋଷ ହେଉଛି ପାରିପାର୍ଶ୍ୱିକ ଘଟଣା ଓ ଘଟଣାର ଅବସ୍ଥା ବିଚାର ନ କରି କେବଳ ଆକ୍ଷରିକ ଅର୍ଥ ଉପରେ ନିର୍ଭର କରି ଦଣ୍ଡ ପ୍ରଦାନ କରିବା। ତଦ୍ୱାରା ଲୋକଙ୍କୁ ପ୍ରକୃତ ନ୍ୟାୟ ମିଳେ ନାହିଁ। କୌଣସି ଦୋଷୀର ଦଣ୍ଡ ବିଧାନ କରିବା ପୂର୍ବରୁ ବିଚାରପତିଙ୍କୁ ବୁଝିବାକୁ ହେବ କେଉଁ କାରଣରୁ, କି ଅବସ୍ଥାରେ ପଡ଼ି ପୁଣି କେଉଁ ପ୍ରକାର ମାନସିକତା ନେଇ ସେ ସେହି ଦୋଷ କରିଅଛି। ହୋଇପାରେ, କୌଣସି ଜଣେ ଗରିବ



Digitized by srujanika@gmail.com

ଉପବାସୀ ଉଦରଜ୍ୱାଳା ସମ୍ଭାଳି ନ ପାରି ତାହାର ନିର୍ଦ୍ଦୟ ଧନୀ ପଡ଼ୋଶୀ ଘରୁ ଆହାର ଚୋରାଇ ଆଣିଅଛି । ନ୍ୟାୟର ଆକ୍ଷରିକ ଅର୍ଥ କହେ ଚୌର୍ଯ୍ୟାପରାଧ ସକାଶେ ଦୋଷୀ ଦଣ୍ଡାର୍ହ । ମାତ୍ର ଯେଉଁ ଅବସ୍ଥାରେ ଏହି ଅପରାଧ କରା ଯାଇଛି ତାହାର ପ୍ରତି ବିଧାନ କଦାଚ କୌଣସି ଦଣ୍ଡ ହୋଇ ନ ପାରେ । ବରଂ ଉପବାସୀର ଭରଣ ପୋଷଣ ନିମନ୍ତେ ପଡ଼ୋଶୀର ଉଦ୍‌ବୃତ୍ତ ଧନର ବ୍ୟବହାରହିଁ ଉପଯୁକ୍ତ ନ୍ୟାୟ ବୋଲି ବିବେଚିତ ହେବା ଉଚିତ । ମାତ୍ର ଉତ୍ତମ ଅବସ୍ଥାରେ ଥାଇ ଯେ ଚୌର୍ଯ୍ୟବୃତ୍ତି ଅବଲମ୍ବନ କରେ ସେପରି ଲୋକର ଦଣ୍ଡ ମହାଭାରତ ମତରେ ନିର୍ବାସନ । ଏପରି କଠୋର ଦଣ୍ଡର ଉଦ୍ଦେଶ୍ୟ ପ୍ରଜାବର୍ଗଙ୍କୁ ସୁଖଶାନ୍ତି ଓ ନିରାପଦରେ ରଖିବା ।

କେଉଁ ଦୋଷର କି ଦଣ୍ଡ ହେବା ଆବଶ୍ୟକ ମହାଭାରତରେ ଗୋଟିଏ ଦୀର୍ଘ ତାଲିକା ରହିଛି । ଏପରି ତାଲିକା ଦଣ୍ଡନୀତି-ମୂଳକ ପରବର୍ତ୍ତୀ ଗ୍ରନ୍ଥରେ ମଧ୍ୟ ଦେଖାଯାଏ । ଦୋଷୀର ଆର୍ଥିକ ଓ ସାମାଜିକ ଅବସ୍ଥାକୁ ଧରି ଦଣ୍ଡ ନିରୂପଣ କରିବା ବିଧି ମହାଭାରତରେ ଲେଖା ଯାଇଛି । କୌଣସି ଗୋଟିଏ ଦୋଷର ଦଣ୍ଡସ୍ୱରୂପ ଜଣେ ଧନୀ ବ୍ୟକ୍ତିଙ୍କୁ ଗୁରୁତର ଜୋରିମାନା ଧାର୍ଯ୍ୟ କରା ଯାଇ ପାରେ, ମାତ୍ର ସେହି ଦୋଷପାଇଁ ଗରିବଙ୍କୁ ସେହି ଦଣ୍ଡ ଦିଆ ଯାଇ ନ ପାରେ, କାରଣ ଅଧିକ ଜୋରିମାନା ଦେବାକୁ ସେ ଅକ୍ଷମ । ତେଣୁ ନିର୍ଦ୍ଧନ ଦୋଷୀପକ୍ଷେ ଦଣ୍ଡ ଜୋରିମାନା ନ ହୋଇ କାରାବାସ ହେବା ଦରକାର । ଦୋଷକୁ ଦେଖି ଦଣ୍ଡ ଧାର୍ଯ୍ୟ କରିବା ବିହିତ ଅଟେ । ଧନୀ ପକ୍ଷେ ବେତ୍ରାଘାତ କାରାବାସ ଅପେକ୍ଷା କଠିନତର ଦଣ୍ଡ । ବିଚାରାଳୟରେ ଦୋଷୀକୁ ଗାଳି ଦେବା ମଧ୍ୟ ଏକପ୍ରକାର ଦଣ୍ଡ ଯାହା ଉଚ୍ଚକୁଳୀନଙ୍କ ପାଇଁ ବ୍ୟବହାର କରା ଯାଇପାରେ । ପ୍ରାଣ ଦଣ୍ଡ ସର୍ବୋଚ୍ଚ ଓ କଠିନତମ । ଏପରି ଦଣ୍ଡ ବର୍ଣ୍ଣସଙ୍କର କାରକ, ରାଜ ଦ୍ରୋହୀ ଓ ନରହନ୍ତାମାନେ ପାଇବାକୁ ଯୋଗ୍ୟ ଅଟନ୍ତି । ସ୍ତ୍ରୀହରଣ ଅପରାଧୀକୁ ମଧ୍ୟ ପ୍ରାଣ ଦଣ୍ଡ ଦିଆ ଯାଉଥିଲା । ପରଦାରାପହାରୀ ମଧ୍ୟ ମୃତ୍ୟୁ ଦଣ୍ଡ ପାଉଥିଲା । ଯେଉଁ ରମଣୀ ପର ପୁରୁଷ ସଙ୍ଗେ ରତି କରୁଥିଲା ତାହାକୁ ହତ୍ୟା କରାଯାଇ ତାହାର ମାଂସକୁ କୁକୁରଙ୍କୁ ଦିଆ ଯାଉଥିଲା ଓ ପୁରୁଷର ଜୀବନ୍ତ ଶରୀରକୁ ଶୁଷ୍କ ତୃଣରେ ଆଚ୍ଛାଦନ କରି ଦଗ୍ଧ କରା ଯାଉଥିଲା ।

ରାଜା କିମ୍ବା ତାଙ୍କ ବିଚାରପତିମାନଙ୍କୁ ସମାଜର ସବୁ ହାର-ଗୁହାର ବିଚାର କରି ନ୍ୟାୟ ଦେବାକୁ ହେଉ ନ ଥିଲା, କାରଣ ଏପରି ଅନେକ ବିଷୟ ଥିଲା ଯାହା ଜାତିଗତ ସଭାରେ ନିଷ୍ପତ୍ତି କରା ଯାଉଥିଲା । ପ୍ରତ୍ୟେକ ଗୋଷ୍ଠୀର ପରିଚାଳନା ନିମନ୍ତେ ଧର୍ମଶାସ୍ତ୍ର ଥିଲା । ଅନେକ ଅପରାଧର ପ୍ରାୟଶ୍ଚିତ୍ତ ବିଧାନ ଥିଲା । ଅନେକ ନିୟମ ଅଲିଖିତ ଓ ପାରମ୍ପରିକ ଭାବେ ଚଳି ଆସୁଥିଲା । ପୁଣି ନୂତନ ଅବସ୍ଥାର ନୂତନ ଆବଶ୍ୟକତା ଅନୁସାରେ ନୂତନ ନିୟମ ପ୍ରଣୟନ କରା ଯାଉଥିଲା । ସେ କାଳର ସମାଜ ବନ୍ଧନ ଖୁବ୍ ଶକ୍ତ ଥିଲା, ଲୋକମତ ଲୋକ ନିନ୍ଦା, ସମାଜରୁ ବାହାର କରିଦେବା ଭୟ ପୁଣି ଲୋକମାନଙ୍କର ଧର୍ମଭୀରୁତା ସାମାଜିକ ନିୟମଗୁଡ଼ିକୁ ଖୁବ୍ ଦୃଢ଼ ରଖି ପାରିଥିଲା । ସମାଜରେ ବ୍ୟକ୍ତିଗତ ଚରିତ୍ରର ସମ୍ୟକ୍ ଉନ୍ନତି ନିମନ୍ତେ ମଧ୍ୟ କେତେ ବିଧାନ ରହିଥିଲା । ଗୋଟିଏ ଦୃଷ୍ଟାନ୍ତରୁ ଏହା ସ୍ପଷ୍ଟ ହେବ । ମଦ୍ୟ ପାନପାଇଁ ଦଣ୍ଡ ନୀତିରେ କିଛି ଦଣ୍ଡ ନ ଥିଲା, ମାତ୍ର ସମାଜରେ ମଦ୍ୟ ପାନ ଘୃଣ୍ୟ ହେଉଥିଲା । ମଦ୍ୟ ପାନ କରିବା ଲୋକକୁ ପ୍ରାୟଶ୍ଚିତ୍ତ କରିବାକୁ ହେଉଥିଲା । ସେ ନିୟମ ଅନୁସାରେ ମଦକୁ ତତାଇ ପାନ କରୁଥିଲେ । ଗରମ ଓ ଶୀତଳ ମଦ୍ୟର ଗୁଣ ଜାଣିବାକୁ ଲେଖକ ଅକ୍ଷମ । ମାତ୍ର ବୋଧହୁଏ ଗରମ ମଦ୍ୟ ପାନ ମଦ୍ୟପ ପକ୍ଷେ ତୃପ୍ତିହୀନ ଥିବାରୁ ଏପରି ବିଧାନ କରା ଯାଇଥିଲା । ଏପରି ଅନେକ ସାମାଜିକ ବିଷୟ ସମାଜରେ କେବଳ ନିଷ୍ପତ୍ତି ହୋଇ ଯାଉଥିବାରୁ ବିଚାର ବିଭାଗର ମୂଲ୍ୟବାନ ସମୟ ଅନ୍ୟ ଗୁରୁତର କାର୍ଯ୍ୟରେ ବ୍ୟୟ କରା ଯାଉଥିଲା ।

# ଦୁନିଆ ରୀତି ଏ

( ୧୧ )

**ରାୟବାହାଦୁର ଗୋପାଳ ଚନ୍ଦ୍ର ପ୍ରହରାଜ**

ଆମର ମାଆମାନଙ୍କ ଅମଳରୁ ଢଗ ଅଛି "ଦୀପତଳେ ଅନ୍ଧାର ।" କିନ୍ତୁ ଆଜିକାଲିର ଦୁନିଆରେ ତ ସବୁ ଓଲଟା କାମ ହେଉଛି ଓ ଓଲଟା ଫଳ ହେଉଛି । ଆଜିକାଲି ପାଶ୍ଚାତ୍ୟ ସଭ୍ୟତା ଯୁଗରେ 'ଦୀପ ଉପରେ ଅନ୍ଧାର ।' ଆଜିକାଲି ବିଜୁଳିବତୀର ତଳେ ଅନ୍ଧାର ନାହିଁ, ବିଜୁଳିବତୀର ଉପରେ ଅନ୍ଧାର । ସେଥିରେ ପୁଣି ବ୍ଲାକ ଆଉଟ୍ କାନୁନ୍ ଅନୁସାରେ ଦୀପ ତଳେ ଯେତେଇଚ୍ଛା ତେତେ ଆଲୁଅ ହେଉପଛକେ, ଦୀପ ଉପରେ ଅନ୍ଧାର ରଖିବାକୁ ହେବ, ଯେପରି ତା ଉପରେ ଉଡ଼ି ଉଡ଼ିକା ଲାଖଙ୍କର ବୋମା ଫିଙ୍ଗୁଥିବା ଉଡ଼ା ଜାହାଜଯାକ ଉପରୁ ଆଲୁଅ ଦେଖି ପାରିବେ ନାହିଁ । ତା ଉପରେ ଗ୍ରାମ ଦେବତାଙ୍କ କାଳନ୍ଦିମାନେ ହୁକୁମ ଦେଲେ ଯେ ଦୀପର ଯେଉଁ କଡ଼ ଦାଣ୍ଡକୁ ଦେଖାଯିବ ସେ କଡ଼ଟା ଅନ୍ଧାରିଆ କରିବାକୁ ହେବ, ନଚେତ ଘଣ୍ଟା ପେଲି ଅବା କଥା ବାଢ଼ାଅ ।

ପାଠକ ପାଠିକାମାନେ ଅବଶ୍ୟ ଜାଣନ୍ତି ଯେ ଉପମାନ କେବଳ ଉପଲକ୍ଷ; ଅର୍ଥାତ୍ ଏଥିରେ ଗୋଟିଏ ବସ୍ତୁର ଭାବ



Digitized by srujanika@gmail.com

ଉଲ୍ଲେଖ ଥାଏ । ସେହି ବସ୍ତୁର ନାମକୁ ଅବଲମ୍ବନ କରି ଢଗ ବୋଲାଯାଏ; କିନ୍ତୁ କେତେ ଢଗ ସେହି ଜାତିର ଅନେକ ବସ୍ତୁ ପ୍ରତି ଅନେକ ପରିସ୍ଥିତି ପ୍ରତି ଓ ଅନେକ ବିଷୟ ପ୍ରତି ଖଟେ । 'ଦୀପ ତଳେ ଅନ୍ଧାର' ଢଗଟି କେବଳ 'ଦୀପ' ପ୍ରତି ଖଟେ ନାହିଁ । ଦୀପ ପରିସ୍ଥିତିର ଅନେକ ବସ୍ତୁ ବା ବିଷୟ ପ୍ରତି ଖଟେ । ଉଦାହରଣ ସ୍ୱରୂପ ଏହି ଢଗଟି ପଣ୍ଡିତଙ୍କ ପ୍ରତି ଖଟାଯାଏ । ପଣ୍ଡିତେ ସଂସାରର କେତେ ମୂର୍ଖ ଲୋକଙ୍କୁ ପଣ୍ଡିତ ବନାଇ ଦିଅନ୍ତି; କିନ୍ତୁ ସାଧାରଣତଃ ଦେଖାଯାଏ ଯେ ପଣ୍ଡିତଙ୍କ ପୁଅ ମୂର୍ଖ ହୁଏ । ଯେଉଁଠାରେ ଲୋକେ ପଣ୍ଡିତଙ୍କ ପୁଅକୁ ମୂର୍ଖ ହେବାର ଦେଖନ୍ତି, ସେଠାରେ ଏ 'ଦୀପ ତଳେ ଅନ୍ଧାର' ଢଗକୁ ଖଟାନ୍ତି । ଆଉ ଗୋଟାଏ ଉଦାହରଣ ଦେଖାଯାଉ । ବ୍ୟବସ୍ଥା ସଭାରେ ପେସ୍ ହୋଇ ପାସ୍ ହେଲା ଯେ କେହି ଉତ୍କୋଚ ଗ୍ରହଣ କରିବେ ନାହିଁ । ଅର୍ଥାତ୍ ଉତ୍କୋଚ ଦିଆ ନିଆ ଗୁରୁତର ଅପରାଧ ବୋଲି ଗଣ୍ୟ ହେବ । କିନ୍ତୁ ଦେଖିଲା ବେଳକୁ ବ୍ୟବସ୍ଥା ସଭାର ସଦସ୍ୟଙ୍କ ଅନୁଚର, ସହଚର, ପାର୍ଶ୍ୱଚର, ଅନ୍ତେଚର, ଭୂଚର, ଖେଚର, ଚୈନ୍ୟ-ଚରଙ୍କର ଅଣ୍ଡାଗୁଞ୍ଜା, ମିଠେଇଖିଆ, ବକ୍‌ସିସ୍ ସଂଗ୍ରହ କରି ଖୋସଣିସ୍ଥ ବା ପକେଟସ୍ଥ କରିବାକୁ ବେଳ ଅଣ୍ଟେ ନାହିଁ । ଏଣେ ମାଲିକ ଯାଇ ବ୍ୟବସ୍ଥା ସଭାରେ କାନୁନ୍ ପାସ କରିଦେଇ ଆସିଲେ ଯେ ଯେଉଁ ବ୍ୟକ୍ତି 'ଦହି' ବା illegal gratification (ଅବୈଧ ତର୍ପଣ) ନେବେ ସେ ସମ୍ରାଟଙ୍କ 'ବଡ଼ଘର ବଖରା'ରେ ଅତିଥି ହେବେ, କିନ୍ତୁ ତାଙ୍କ ପାଖ ଲୋକ ଅର୍ଦ୍ଦଲୀ ବିନା ଅବୈଧ ତର୍ପଣରେ ତୃପ୍ତ ନୁହନ୍ତି, ଏହାକୁ କହନ୍ତି 'ଦୀପ ତଳେ ଅନ୍ଧାର ।' ଏହିପରି 'ଦୁନିଆର ରୀତି'ରୁ ଡଜନ୍ ଡଜନ୍ ନଜିର ଦେଖା ଯାଉଛି ।

ବହୁକାଳର ଗୋଟାଏ ପୁରୁଣା ଅନୁଭୂତି ଏ ପ୍ରସଙ୍ଗରେ ମନେ ପଡ଼ିଲା—ଏ ପ୍ରାୟ ପନ୍ଦର କୋଡ଼ିଏ ବର୍ଷ ତଳର ଘଟଣା । ମୁଁ ଥରେ ପ୍ରଦେଶର ଏକ ବଡ଼ିଆ ହାକିମଙ୍କ କୋଠିକୁ ମୁଲାକାତ କରିବାକୁ ଆଗରୁ ନିବେଦନ ପତ୍ର ପଠାଇ ଯାଇଥିଲି । ଅପେକ୍ଷା-କରିବା କୋଠରି (waiting room)ରେ ଯାଇ ବସିଲାରୁ ହାକିମଙ୍କ ସେକ୍ରେଟେରୀ ମୋ ହାତରେ ଖଣ୍ଡିଏ ଛପା ନୋଟିସ ଦେଲେ । ସେଥିରେ ଲେଖାଥିଲା ଯେ "ଦର୍ଶକମାନଙ୍କୁ ଅନୁରୋଧ ଯେ ସେମାନେ ଚପରାସିମାନଙ୍କୁ କିଛିମାତ୍ର ବକ୍‌ସିସ୍ ଦେବେ ନାହିଁ, ଯେବେ କେହି ବକ୍‌ସିସ୍ ମାଗିବେ ତେବେ ଏ ବିଷୟ ହାକିମଙ୍କୁ ଜଣାଇବେ ।" ଚିଠିଖଣ୍ଡି ପଢ଼ିବା ପରେ ତିନି ଗୋଟି ତକମା ଓ ପୋଷାକ ପିନ୍ଧା ଚପରାସୀ ଆସି ସଲାମ କଲେ । ସେକ୍ରେଟେରୀଙ୍କ ଦିଅ ଛପା ନୋଟିସ କଥା ଭାବିବା ପାଇଁ ହାକିମଙ୍କ ସଙ୍ଗେ ମୁଲାକାତ କରି କୋଠିରୁ ଫେରିଲା ବେଳେ ଚପରାସିଙ୍କୁ ଗୋଟିଏ ଧାତବ ଚକତି (ସେତେବେଳେ କାଗଜଚକତିର ଆଜିକାଲି ପରି ଆଦର ହୁଏର ପ୍ରଚଳନ ହୋଇ ନ ଥାଏ) ଦେଖାଇଲି । ସେମାନେ ସଲାମ କରି କହିଲେ "ହଜୁର୍ ! ହମ୍‌ଲୋକ ଯହାଁ କୁଛ ବକ୍‌ସିସ୍ ନହୀ ଲେଙ୍ଗେ ଲେନେସେ ହମ୍‌ଲୋଗୋଁକୁ ସଜା ହୋ ଯାଏଗା ।" ଏହା କହିବାରୁ ମୁଁ ସେ ଚକତିକୁ ପୁଣି ପୂର୍ବାଶ୍ରୟାବସ୍ଥିତ କରି କୋଠିରୁ ବିଦା ହେଲି ଓ ବସାକୁ ଫେରିଲି । ସନ୍ଧ୍ୟା ବେଳକୁ ବସାରେ ଆସି ହାକିମଙ୍କ ତକମା ପୋଷାକ ପିନ୍ଧା ଚପରାସୀ ହାଜର ହେଲେ ଓ କହିଲେ, "ହଜୁର ! ହମଲୋକ୍ ଛଅଦମୀ ହୁଁ । ଏକ ରୁପିଆ ମେ କାମ ଚଲେଗା ନେହିଁ ।" ମୁଁ କହିଲି:—"ବକସିସ୍ ନ ନେବାକୁ ପରା ତୁମ୍ଭମାନଙ୍କ ହାକିମଙ୍କ ହୁକୁମ ହୋଇଛି, ତୁମେ-ମାନେ ପୁଣି ଆସି ବକ୍‌ସିସ୍ ମାଗୁଛ କିପରି ?" ସେମାନେ କହିଲେ, "ସାହେବକା କୋଠିମେ କର୍ଷାସେ ବକ୍‌ସିସ୍ ଲେନେକୋ ହମ୍‌ଲୋଗୋଁକୁ ମନା ହେ, ମଗର ହଜୁରକା କୋଠିକୁ ଆକର୍ ଲେନେସେ କୁଛ ଅଫଦ୍ ନହୀ ହେ ।" ଏହା ଶୁଣି ବେଗରୁ ଟଙ୍କା ଦଶଟି କାଢ଼ି ନନ୍ଦୀଭୃଙ୍ଗୀଙ୍କୁ ବିଦା କଲି ।

ଆମର ଢଗ ଅଛି;—"ବୃଷଭର ପାଣି ପିଇଲେ ମହାଦେବଙ୍କ ବାପା ବି ଜାଣି ପାରିବେ ନାହିଁ ।" ଅସ୍ତୁ, ଯେଉଁ ହାକିମଙ୍କ ମଗଜରୁ ଏ ଛପା ନୋଟିସ ବାହାରିଲା ତାଙ୍କ ମଗଜରେ ଏ କଥା ପଶିଲା ନାହିଁ ଯେ ଯେଉଁ ବ୍ୟକ୍ତି ଚପରାସିମାନଙ୍କୁ ସ୍ୱେଚ୍ଛାକ୍ରମେ, ହୃଦକମଳଗ୍ରସ୍ତିହୋଇସ୍ତରେ, ବିନା କାହାରି ବଳାତ୍‌କାରରେ କିଛି ଅଣ୍ଡା ଗୁଞ୍ଜା, ପାନଖିଆ ବା ମିଠେଇଖିଆ ଦେବେ, ସେ ବ୍ୟକ୍ତି ଭଲା ଆସି ହାକିମଙ୍କ ଆଗରେ ଫେରାଦ ହେବେ କିପରି ? ତା ପରେ ଆଉ ଗୋଟିଏ କଥା ଏହି ଯେ ଚପରାସିଙ୍କୁ ବକ୍‌ସିସ ଦେବା କଥା ହାକିମଙ୍କ ଆଗରେ ପ୍ରମାଣ ହେବାକୁ ବକ୍‌ସିସ ଦାତାଙ୍କୁ ଯେତେ ବେଗ ପାଇବାକୁ ହେବ, ସେ ବେଗ ଓ ହଲାପଟା ତୁଳନାରେ ଟଙ୍କାଏ ଦିଟଙ୍କା ବକ୍‌ସିସ କିଛି ନୁହେଁ । ଦେବା ବ୍ୟକ୍ତି ତ ଯାଇଛନ୍ତି ଭୋଳାନାଥଙ୍କ ଦର୍ଶନ, ସାନ୍ନିଧ୍ୟ, ଅନୁଗ୍ରହ ଓ ଅନୁରାଗ ପ୍ରାର୍ଥୀ ହୋଇ; ଯେବେ ଭୋଳାନାଥଙ୍କ ବାହାନ ବାହୁଆ ନନ୍ଦିଙ୍କୁ କେତେ ଘାସ ବା ତାଙ୍କ ଅର୍ଦ୍ଦଲୀ ନନ୍ଦୀ ଭୃଙ୍ଗୀଙ୍କ ଚିଲମେ ଗଞ୍ଜେଇ ନ ଦେବେ, ତେବେ ଅବସ୍ଥା କଣ ନ ହେବ ! ଏମାନେ ତ ହେଲେ ଭୋଳାନାଥଙ୍କ ଖାଆସ ଲଗା ଲୋକ । ଏମାନେ ଯେବେ ବେଳକାଳ ଚିହ୍ନି ଭୋଳାନାଥଙ୍କୁ ଗଞ୍ଜେଇ ନିଶାର ଝୁଙ୍କ ଲାଗିଥିବା ବେଳେ ପଦେ ଉକ୍ତ ବ୍ୟକ୍ତିଙ୍କ ନାମରେ କିଛି କହି ଦେବେ ତେବେ ମୁଲାକାତ୍ ପ୍ରାର୍ଥୀଙ୍କ କଥା ସରିଯିବ । କାରଣ ଢଗ ଅଛି "ପାଙ୍ଗରେ ଶୁଏ, କାନରେ କହେ, ତା କଥା କି ଅନ୍ୟଥା ହୁଏ ।?"

ରାଧାନାଥ ତାଙ୍କର 'ଦରବାର' ରେ ଗାଇ ଯାଇଛନ୍ତି:—

"ସଭାପତିଙ୍କର ଖଟଣିକର;
ବୋଲି କେହି ହେଉଛନ୍ତି ଫର ଫର ।
ଗରୁଡ଼ ଉପରେ ଦେଖାନ୍ତି ପ୍ରତାପ,
ସେ ଯେଣୁ ଅଟନ୍ତି ବିଷ୍ଣୁଙ୍କର ସପ ।
ସବୁ ଦେଶେ ସବୁ କାଳେ ଊର୍ଦ୍ଧ୍ୱମୁହାଁ,
ହୋଇଥାନ୍ତି ସିନା ଶ୍ରୀଛମୃ ଛନ୍ଦ୍ୟ ।

ରାଧାନାଥ ସିନା ଏକ ଶ୍ରେଣୀର ବ୍ୟକ୍ତିଙ୍କୁ ଲକ୍ଷ୍ୟ କରି କହିଥିଲେ :—



Digitized by srujanika@gmail.com

"ପ୍ରତିଧ୍ୱନି ପରି ସଦାସ୍ତବ କାହିଁ,
ତୁମ୍ଭ ପ୍ରେମ ପାଞ୍ଚ ଗଡ଼ଜାତ ଭଣ୍ଡାର ।
ପ୍ରଭୁ ବୋଲାଇଣ ତୁମ୍ଭେ ଅନୁକ୍ଷଣ,
ହେଲ ଦେହଲଗା ଉତ୍ତାର ବାହନ ।"

କିନ୍ତୁ ମୁଁ ଯେତିକି ବେଶି ବୁଲିଅଛି ଅନୁଭୂତ ଦେଖୁଛି, ସବୁ ଶ୍ରେଣୀର 'ପ୍ରଭୁ' ଯାକ '-ଦେହ ଲଗା ଉତ୍ତାର ବାହନ' ପାଲଟିଛନ୍ତି । ଏଥିପାଇଁ ଲୋକେ ଅନୁଭବ କରି କରି ଡଗ ବୋଲିଛନ୍ତି— 'ଦୀପ ତଳେ ଅନ୍ଧାର' ।

ଆମ ଘରେ ଭାଇ ବସି ଏ ତଗ ଶୁଣୁଥିଲେ । ସେ କହିଲେ "ଦୀପ ତଳେ ଅନ୍ଧାର' ଭଳି ଓଡ଼ିଶାର ଗ୍ରାମ୍ୟ ଧାଗା କଟକ ତଳେ (କଟକରୁ ୪ମାଇଲ ଦୂରବର୍ତ୍ତୀ ମହାନଦୀ ଶଯ୍ୟାମଧ୍ୟସ୍ଥ କ୍ଷୁଦ୍ର ଦ୍ୱୀପ) ଧବଳେଶ୍ୱର ନାମକ ତୀର୍ଥରେ ଯେତେ ଯେତେ ଘଟଣା ମୁଁ ଆଖିରେ ଦେଖୁଛି ସେ ସବୁ ଦେଖି ଏ ଡଗର ସାର୍ଥକତା ମୋ ମନକୁ ଜଣେଇଛି ।" ମୁଁ କହିଲି "ଧବଳେଶ୍ୱର ପରା ତ ଅନ୍ଧାର ମୁଲକରେ, ଅନ୍ଧାର ମୁଲକରେ ଅନ୍ଧାର ହେବା ତ ବିଚିତ୍ର ନୁହେଁ"।

ଆମ ପାଖରେ ଏ କଥା ଭାଷା ବେଳେ ଆମ ଗାଆଁର ସଦେଇ ପଧାନ ବସିଥିଲା । ସେ କହିଲା, "ଆଜ୍ଞା ! ଆଜିକାଲି କେରାସିନ ତେଲ ଅଭାବରୁ ଆମେସବୁ ପୁଲଙ୍ଗ ଓ କଜା ତେଲ ଦିଆ ବଳିତା ଜଳା ମାଟି ଦୀପ ଜଳାଇଲୁଣି । ଆମେ ଦେଖୁଛୁଁ ଯେ ଆଜିକାଲି ସରକାରଙ୍କ ନୂଆ ଆଇନ ଅମଳରେ ଦୀପ ତଳେ ଖାଲି ଅନ୍ଧାର ନୁହେଁ, ଦୀପ ତଳଯାକ ତୁଚ୍ଛା ତେଲ ଜର ଜର ; ଦୀପ ତଳଯାକ ତେଲ ସର ସର । ଦୀପକୁ ତେଜିଲା ଲୋକର ହାତ ବି ତେଲ ଜର ଜର; ଦୀପକୁ ଧରି ଏକ ଯାଗାରୁ ଅନ୍ୟ ଯାଗାକୁ ନେଆଣ କରିବା ଲୋକର ହାତ ତେଲ ସର ସର; ଦୀପର ସଳିତାକୁ ତେଜିବା ପାଇଁ ଯେଉଁ କାଠି ଖଣ୍ଡ ବ୍ୟବହାର କରି ଯାଏ ସେ ଖଣ୍ଡିକ ମଧ୍ୟ ତେଲରେ ଜୁଡୁବୁଡୁ ।" ସଦେଇ ପଧାନର ଏକଥା ଦି ପଦ ଶୁଣି ମୁଁ ପଧାନ ପୁଅର କଥାର ସତ୍ୟତା ସଙ୍ଗେ ଆମ ଅନୁଭବକୁ ତୁଳନା କରି ଦେଖିଲି ଯେ ସବୁଠାରେ ଆମ ଆଲୁଅ ମୁଲକରେ ବି ଆଜିକାଲି ଦୀପ ତଳେ ଅନ୍ଧାର ଓ ଦୀପ ଜଳୁଥିବା ଜାଗା ତେଲ ସର ସର । ଅଳ୍ପ ଥାଉ ।

# ନଷ୍ଟନୀଡ

ଡାକ୍ତର ମାୟାଧର ମାନସିଂହ

ବଣୁ ଖେଳା କରୁଥିଲେ ଦାଣ୍ଡେ,
ମଲ୍ଲଦଳ ପାଇକ-ଅଖଡ଼ା,
ନିଜ ନିଜ ସଂସାରଟି ଲାଗି
କରୁଥିଲେ ନାରୀଏ ଝଗଡ଼ା ।
ମାଟି ସାଥେ ଲଢ଼ୁଥିଲେ କୃଷୀ
ଖରା ପାଣି ସମ୍ଭାଳି ଚିଟେରେ,
ଢାଳୁଥିଲେ ମାଟିରେ ରକତ
ଜୀଇଁ ରହିବାକୁ ସେ ମାଟିରେ ।
ଦୂର ଗ୍ରାମୁଁ ଆସୁଥିଲେ ବୋହୂ,
ଗାଆଁ ଝିଅ ଯାଉଥିଲେ ଦୂରେ,
ଭୋଜି ଭାତେ, ଗୀତେ, ଭାଗବତେ
ପ୍ରାଣ ବାଜୁଥିଲା ନାନା ସୁରେ ।
ଦୟାମୟ ଭଗବାନଙ୍କର
କୃପାବାତ୍ୟା ଆସିଲା କପାଇଁ,

ବାସସ୍ଥାନ ଅନ୍ନସ୍ଥାନ କରି
ଗାଆଁ ଦେଲା ମାଟିରେ ମିଶାଇ ।
ସାଆନ୍ତାଣୀ କୁଠୀରବାହିନୀ
ଭୂନସ୍ବାଦ ଆଜି ପାତେ ହାତ,
ମଲ୍ଲ ଖୋଜେ ଘାସମୂଳ ଭୋକେ,
ଅବା ଧରେ ପରବାସ-ବାଟ ।
ଜୟ ହେଉ ପରାତ୍ପରଙ୍କର,
ତାଙ୍କ ସୃଷ୍ଟି ରଥ-ଚକ୍ର ତଳେ
ପେଷି ହେଉ ଦରିଦ୍ର ଜନତା,
କବି ଦେଉ ଭକ୍ତ ଲୋକକରେ ।
କବି ଆଜି ନଗରୁଁ ନଗରେ
ବୁଲେ ଧରି ହୃଦେ କଷା କ୍ଷତ
ପକ୍ଷୀମାଢ଼ ପରି ତା' ଗ୍ରାମଟି
କପାଁ ହେଲା ନରନ୍ଧ ବିନଷ୍ଟ !

# ପୃଥିବୀର ପରିଚୟ

**ଧୂର୍ଜଟୀ**

ସୁରେନ୍ଦ୍ର ମାଷ୍ଟରି କରେ । ସଂସାର ଚଳାଏ କନକ । ଅଠର ଊଣେଇଶ ବର୍ଷ ଏଇ ଝିଅଟିର ଏତିକ ବୁଦ୍ଧି—ସାହିର ବୁଢ଼ୀ ଆଉ ମାଉସୀ ପ୍ରଶଂସା ଛଳରେ ହିଂସା କରନ୍ତି । ଷାଠିଏଟି ଟଙ୍କା ସୁରେନ୍ଦ୍ର ମାସ ଶେଷରେ ଆଣି କନକ ହାତରେ ଦେଇ ଦିଏ । ସେଥିରେ ଘରଭଡ଼ାଠୁଁ ସିନେମା ଖର୍ଚ୍ଚ ଯାଏ ସବୁ ତୁଲେଇ କନକ ମାସକୁ ପାଞ୍ଚ ଟଙ୍କା ଦିଏ ସୁରେନ୍ଦ୍ରକୁ ବାଜେ ଖର୍ଚ୍ଚ କରିବାକୁ । କହେ—"ତମେ ରୋଜଗାର କର, ଖରଚ କରିବାର ଅଧିକାର ତ ତମର ।"

ଛୋଟ ସଂସାର । ସ୍ୱାମୀ, ସ୍ତ୍ରୀ ଆଉ ଦୁଇ ବର୍ଷର ପୁଅ ବାବୁଲ୍ । ସୁରେନ୍ଦ୍ରର ବନ୍ଧୁବାନ୍ଧବ କହନ୍ତି—"ସୁରେନ୍ଦ୍ର, ତୋର କପାଳ ଭାରି ଭଲରେ, ହାଇଦ୍ରାବାଦର ନାଇଜାମ୍ ବି ତୋର ଜୀବନକୁ ଈର୍ଷ୍ୟା କରିବେ ।" ଜବାବରେ ସୁରେନ୍ଦ୍ର ଖାଲି ଟିକିଏ ହସେ—ଆତ୍ମଶ୍ଲାଘାର ହସ ।

ଜୀବନର ବୈଚିତ୍ର୍ୟହୀନତାକୁ ଏଡ଼ିବା ପାଇଁ ସୁରେନ୍ଦ୍ର ସାହିତ୍ୟ ଚର୍ଚ୍ଚା କରେ । ବନ୍ଧୁ ରମାନାଥ କବିତା ଲେଖେ ଆଉ ମଝିରେ ମଝିରେ ଆସି ସୁରେନ୍ଦ୍ର ଘରେ ସୃଷ୍ଟି କରେ କାବ୍ୟଗୁଞ୍ଜନ । ରବିବାରର ଅଳସ ଦ୍ୱିପ୍ରହର ଦୁଇ ବନ୍ଧୁର କାବ୍ୟ ଚର୍ଚ୍ଚାରେ ମୁଖର ହୋଇ ଉଠେ । ସୁରେନ୍ଦ୍ରର ସେହି ଉଡ଼ାଣିଆ ଦାଣ୍ଡଘରକୁ ଆସନ୍ତି—କାଳିଦାସ, ଉପେନ୍ଦ୍ରଭଞ୍ଜ, ଟାଗୋର, ଶେଲି, ମାୟାଧର ।

ଦିନେ ଦୁଇ ବନ୍ଧୁ ବୁଲି ସାରି ଫେରୁଁ ଫେରୁଁ ବଜାରରୁ କିଣିଲେ ଦୁଇ ଖଣ୍ଡ 'ମେଘଦୂତ' । କଥାହେଲା ଏଥର ପ୍ରଥମ ଆଷାଢ଼ର ମେଘକୁ ସେମାନେ କାଳିଦାସଙ୍କର ଭାଷାରେ ବନ୍ଦନା ଜଣାଇବେ—"ଆଷାଢ଼ସ୍ୟ ପ୍ରଥମ ଦିବସେ ମେଘମାଶ୍ଲିଷ୍ଟସାନୁମ୍ ।

ମେଘ ଆସିଲା. କିନ୍ତୁ ତା ସାଙ୍ଗରେ ଆସିଲା ନାନା ପ୍ରକାର ରୋଗ । ହଠାତ୍ କନକ ପଡ଼ିଲା ଜରରେ । ଡାକ୍ତର ଦେଖି ମୁହଁ ଗମ୍ଭୀର କରି କହିଲେ—"ବୋଧହୁଏ ଟାଇଫଏଡ୍ । ସହରର ଘରେଘରେ ଲାଗିଛି । ସାବଧାନ ।"

କିଏ ସାବଧାନ ହେବ ? ସୁରେନ୍ଦ୍ର ! ନା ଅଛି ଅଭିଜ୍ଞତା—ନା ଅଛି ସଙ୍ଗତି । ଡାକ୍ତର ନିତି ଆସି ରୋଗୀ ଦେଖି ଯାଇ ଯାହା ଔଷଧ ଦିଅନ୍ତି ତାର ତିନିଗୁଣ ବ୍ୟବସ୍ଥା କରନ୍ତି ପଥ୍ୟର । ତା ଉପରେ ଉପଦେଶ । କେଉଁ ଆଡ଼ୁ ସମ୍ଭାଳିବ ସୁରେନ୍ଦ୍ର ? ରୋଗୀର ଶୁଶ୍ରୂଷା କରିବ ନା ରୋଷେଇ କରିବ ନା ପୁଅକୁ ଦେଖିବ ? ଯୁଦ୍ଧଯୋଗ୍ୟ ଔଷଧ ପଥ୍ୟର ଦାମ ନାହିଁ । ଟଙ୍କା ଖରଚ କଲେ ବି ମିଳୁନି । ସୁରେନ୍ଦ୍ର ଆଖିରୁ ଝରିଲା ଅକ୍ଷମତାର ଲୁହ ।

ରମାନାଥ ମେଘଦୂତ ପଢ଼ିବାକୁ ଆସି ଯମଦୂତର ଭୟରେ ଯେ ଗଲା, ଆଉ ଦେଖା ନାହିଁ । ଟାଇଫଏଡ଼ ପରା ଭାରି ଭୟଙ୍କର ରୋଗ । ବହୁତ ଦିନ ଟଣା ଓଟରା କଟିବା ପରେ କନକ ବଞ୍ଚିଲା । ଦେହରେ ତାର ହାଡ଼ ସାଙ୍ଗରେ ଚମଡ଼ା ଯୋଡ଼ି କଦର୍ଯ୍ୟ ଦିଶୁଛି । କନକର ଚିକିତ୍ସାରେ ସୁରେନ୍ଦ୍ର ଶେଷ କରିଛି ତାର ଅତି ପ୍ରିୟ ଘଡ଼ି ଆଉ ଫାଉଣ୍ଟେନ ପେନ । କନକ ସାଙ୍ଗରେ ଏଇ ଦୁଇଟି ଜିନିଷ ସେ ପାଇଥିଲା ତାର ବିବାହ ସମୟରେ ।

କନକ ଭାତ ଖାଇ ନ ଥାଏ ବାବୁଲକୁ ଧରିଲା ଜର । ଡାକ୍ତର ପୁଣି ଆସିଲା । ପୁଣି ଟଙ୍କା ଦରକାର । ଯୁଦ୍ଧ ବଜାର—ଅତଏବ ଡାକ୍ତର ଏଥର ବଢ଼ାଇଲେ ଦୁଇଗୁଣ ଫିସ । ତାଙ୍କର ବି ପୁଣି ସଂସାର ଅଛି । ଅନେକ ସମୟ ପରୀକ୍ଷା କରି ଗମ୍ଭୀର ଗଳାରେ ଡାକ୍ତର ରାୟ ଦେଲେ ବାବୁଲର ଟାଇଫଏଡ ହୋଇଛି । ସୁରେନ ମଥାରେ ହାତ ଦେଇ ବସିଲା ।

ପୁଣି ଚାଲିଲା ଟଣା ଓଟରା ଜୀବନ ସାଙ୍ଗରେ ମରଣର । ପୁଅର ଅସୁସ୍ଥତା ଦୁର୍ବଳ ମାକୁ ବିଛଣାରୁ ଉଠେଇ ଆଣିଲା ଶୁଶ୍ରୂଷା ପାଇଁ । ସେଇ ଥାର୍ମୋମିଟର, ଆଇସବ୍ୟାଗ, ମୁଣ୍ଡ ଧୁଆର ଧୂମ ଚାଲିଲା । ଯୁବକ ସୁରେନର ଆଖିତଳେ ପଡ଼ିଲା କଳାଦାଗ । ଦୁଃଖ ତାର ସୁନ୍ଦର ମୁହଁରେ ଦୁଇଟି ଗାର ରେଖା ଟାଣି ଦେଇଗଲା ଅକାଳ ବାର୍ଦ୍ଧକ୍ୟର । ଦୁଇବର୍ଷର ଶିଶୁ ଜରରେ ଅଜ୍ଞାନ ହୋଇ ରହିଲା ଦିନ ଦିନ ଧରି । କନକ କାନ୍ଦି ଉଠି କହିଲା—"ନେଇ ଯାଅ ମୋର ଯାହାଅଛି, ସବୁ ବିକି ଦେଇ ବାବୁଲ୍ ପାଇଁ ମୋର କିଣିଆଣ ଔଷଧ ପଥ୍ୟ । ମୋର ବାବୁଲକୁ ବଞ୍ଚେଇବାକୁ ହବ ।" ଅର୍ଦ୍ଧପାଗଳ ସୁରେନ୍ଦ୍ରର ଅବସ୍ଥାର ସୁବିଧା ନେଇ ଗହଣାବାଲା ଷହେ ଟଙ୍କାର ଜିନିଷକୁ ପଚାଶ ଟଙ୍କାରେ ନେଲା । ହାୟରେ ଟଙ୍କା—ବାବୁଲର ଜୀବନ ତୁଳନାରେ ଟଙ୍କାର କି ଦାମ ?

ଡାକ୍ତର ଆସନ୍ତି ନିତି—ଦେଖନ୍ତି । ସୁରେନ୍ଦ୍ର ଆଉ କନକର ଭାଷାହୀନ ପ୍ରଶ୍ନର ଜବାବରେ କେଉଁ ଦିନ ଶୁଣାନ୍ତି ଆଶାର ବାଣୀ । କେଉଁ ଦିନ ବା ନୈରାଶ୍ୟରେ ପିତା ମାତାର ଛାତି ଫାଟିଯାଏ । କନକ କହେ "ଏ କେମିତି ସମ୍ଭବ ? ମୋର ବାବୁଲର କିଛି ହବନି ଗୋ । ମୁଁ ତ କାହାର ଅନିଷ୍ଟ କରିନି—କାହାର ମନରେ ଦୁଃଖ ଦେଇନି ।" ସୁରେନ୍ଦ୍ର ଖାଲି ବଲ ବଲ କରି କନକର ରୁଗ୍ଣ ଅସୁନ୍ଦର ମୁହଁଟାକୁ ଚାହେଁ । କିଛି ଜବାବ ଦିଏ ନି—କି ଜବାବ ଦବ ସେ ?

ପଚିଶ ଦିନର ଅକ୍ଲାନ୍ତ ପରିଶ୍ରମ, ଡାକ୍ତରଙ୍କର ସମସ୍ତ ଔଷଧ ଓ ବ୍ୟବସ୍ଥା ସତ୍ତ୍ୱେ ବାବୁଲ ବଞ୍ଚିଲା ନାହିଁ । ଡାକ୍ତର ଅପରାଧୀ କଲେ ସୁରେନ୍ଦ୍ରକୁ—ଶୁଶ୍ରୂଷା ଠିକ ହେଲାନି । ସାହି-ପଡ଼ିଶା କହିଲେ—ଏତେ ବଡ଼ ରୋଗ, ସିଭିଲ ସର୍ଜନଙ୍କୁ ଡାକିବା ଉଚିତ ଥିଲା ।

କନକ ଧୀରେ ଧୀରେ ଭଲ ହୋଇ ଆସୁଛି, ବର୍ଷା ଯାଇ ଶୀତ ପଡ଼ିଲାଣି । ସୁରେନ୍ଦ୍ର ବସି ଝରକା ବାଟେ ଅନେଇ ଥାଏ



Digitized by srujanika@gmail.com

ବାହାରକୁ, ସବୁତ ଠିକ ଅଛି । ସେଇ ଘର, ସେଇ କନକ, ସେଇ ଖଟ, ବିଛଣା, ଟେବୁଲ, ଚେୟାର । ତଥାପି ଯେମିତ ତାର କିଛି ନାହିଁ । ସର୍ବସ୍ୱ ଯେମିତ ତାର କିଏ ନେଇ ଯାଇଛି ତାକୁ ରିକ୍ତ କରି, କାହିଁ କନକ ମୁହଁରେ ସେଇ ହସ ତ ସେ ଦେଖୁନ । ସେଇ ହସ ଯାହା ଦେଖି ଆଗେ ତାର ରୋମାଞ୍ଚ ହେଉଥିଲା । ହଠାତ୍ ଶୁଭିଲା କିଏ ତାର ନାମ ଧରି ଡାକୁଛି । କାନ ଡେରି ଶୁଣିଲା ରମାନାଥର ଗଳା, ବାହାରକୁ ଯାଉଁ ଯାଉଁ ନଜର ପଡ଼ିଲା ଟେବୁଲ ଉପରେ ସେଇ 'ମେଘଦୂତ' । ନାଗରୀ ଅକ୍ଷରର ସେଇ ଶବ୍ଦଟି ତାର ଛାତିରେ ନିଆଁ ଜାଳି ଦେଲା । ବହିଟାକୁ ଧରି ସେ ବାହାର ଅସିଲା ଦାଣ୍ଡକୁ ।

ରମାନାଥ ଠିଆ ହୋଇ ଅପେକ୍ଷା କରୁଛି ତାକୁ, କି ଜିଜ୍ଞାସିଲା ହେଲା, ସୁରେନ୍ଦ୍ର ରମାନାଥର ମୁହଁକୁ ଲକ୍ଷ୍ୟ କରି ମାରିଲା ସେଇ ବହିଟାକୁ । ତାପରେ ହସି ଉଠିଲା ହୋ ହୋ କରି ।

ବହିର ଆଘାତ ଖାଇ ଚମକିଗଲା ରମାନାଥ । ତା ପରେ ହସନ୍ତୁ ସେ ପ୍ରଶ୍ନର କଲା—"ସୁରେନ୍ଦ୍ର ପାଗଳ ହୋଇ ଯାଇଛି ।"

# ସ୍ୱର୍ଣ୍ଣରେଣୁ

ବସନ୍ତ କୁମାର ଶତପଥୀ

ସ୍ୱର୍ଣ୍ଣରେଣୁ ଶ୍ରୀ ପଦ୍ମଚରଣ ପଟ୍ଟନାୟକଙ୍କ ସମ୍ପାଦିତ ଖଣ୍ଡିଏ କବିତାଗୁଚ୍ଛ । ଏଥିରେ (ପ୍ରଥମ ମୁଦ୍ରଣ) ସତର ଜଣ କବିଙ୍କର ଏକୋଇଶିଟି କବିତା ସ୍ଥାନ ପାଇଛି । କ୍ଷୁଦ୍ର ପରିସର ମଧ୍ୟରେ ଅବଶ୍ୟ ଓଡ଼ିଆ ସାହିତ୍ୟର ଅଗଣିତ କାବ୍ୟକବିତା ପୁସ୍ତିକାର ଅନ୍ତର୍ଭୁକ୍ତ କରାଯାଇ ପାରନ୍ତା ନାହିଁ । ଅନ୍ୟପକ୍ଷରେ ପୃଥିବୀର ଯେ କୌଣସି ସାହିତ୍ୟର ଶ୍ରେଷ୍ଠ କବିତାଗୁଚ୍ଛଠାରୁ ବୃହଦାକାର ହୋଇ ସୁଦ୍ଧା ମଜୁମଦାରଙ୍କ 'ଓଡ଼ିଆ ସାହିତ୍ୟ ପରିଚୟ' ଆଦର୍ଶ କବିତାସଂଗ୍ରହ ହୋଇ ପାରି ନାହିଁ । ତେଣୁ କ୍ଷୁଦ୍ର ପରିସର ମଧ୍ୟରେ ସ୍ୱର୍ଣ୍ଣରେଣୁ ଓଡ଼ିଆ ସାହିତ୍ୟର ପ୍ରତିନିଧିମୂଳକ ହୋଇଛି କି ନାହିଁ ତାହା ସର୍ବାଦୌ ବିଚାର୍ଯ୍ୟ । ପୁସ୍ତିକାଟି ଅନୁଶୀଳନ ଓ ବିଶ୍ଳେଷଣ କଲେ ଜଣାଯାଏ ଯେ କବିମାନଙ୍କ ମଧ୍ୟରୁ ଛଅ ଜଣ ପ୍ରାଚୀନ ଯୁଗର, ଆଠ ଜଣ ରାଧାନାଥ ଯୁଗର ଓ ଅବଶିଷ୍ଟ ତିନି ଜଣ ଆଧୁନିକ ଯୁଗର । ସମୁଦାୟ କବିତାର କୋଡ଼ିଏ ଭାଗ ବୈଦେଶିକ ଭାଷାରୁ ଅନୂଦିତ । ଏକପଞ୍ଚମାଂଶ ଶୃଙ୍ଗାରିକ । ଅର୍ଦ୍ଧେକ ପୌରାଣିକ ସାହିତ୍ୟର ଅବଲମ୍ବନରେ ଲିଖିତ । ସବୁଠି ଭାଗ କରୁଣରସପୋଷକ । ସମ୍ପାଦକ-କବିଙ୍କୁ ଛିଡ଼ାଇ ଚାରି ଜଣଙ୍କର ଯୋଡ଼ିଏ ଲେଖାଏ କବିତା ପୁସ୍ତିକାରେ ସ୍ଥାନ ପାଇଛି । ସେମାନଙ୍କ ଭିତରୁ ଜଣକର ଯୋଡ଼ିକ ଯାକ କବିତା ଇଂରାଜୀରୁ ଅନୂଦିତ ଓ ତନ୍ମଧ୍ୟରୁ ଗୋଟିଏ ପନ୍ଦର ପୃଷ୍ଠାବ୍ୟାପୀ ପୁସ୍ତିକାର ଦୀର୍ଘତମ ପଦ୍ୟ । ଅଥଚ ଜଗନ୍ନାଥ ଦାସ, ବଳରାମ ଦାସ, ସାରଳା ଦାସ, ଅଭିମନ୍ୟୁ, ଗୋପାଳକୃଷ୍ଣ, ଯଦୁମଣି, ପ୍ରତାପରାୟ, ବିଶ୍ୱନାଥ ଖୁଣ୍ଟିଆ, ମଧୁସୂଦନ, ନନ୍ଦକିଶୋର, ଚନ୍ଦ୍ରମଣି, ନୀଳକଣ୍ଠ, ଗୋଦାବରୀଶ, ଲକ୍ଷ୍ମୀକାନ୍ତ, ବୈକୁଣ୍ଠ, ନିତ୍ୟାନନ୍ଦ, ସଚ୍ଚିଦାନନ୍ଦ ଓ ନବକିଶୋର ପ୍ରମୁଖ ପ୍ରାଚୀନ ଓ ଆଧୁନିକ ଯୁଗର କବିମାନଙ୍କ ପାଇଁ ପୁସ୍ତିକାରେ ସ୍ଥାନ ନାହିଁ । ଯେ କୌଣସି ଦିଗରୁ ବିଚାର କଲେ ସ୍ୱର୍ଣ୍ଣରେଣୁ ଓଡ଼ିଆ ସାହିତ୍ୟର ଏକ ଭ୍ରମାତ୍ମକ ପରିଚୟ ଦିଏ ଏବଂ ସମ୍ପାଦକଙ୍କ କାବ୍ୟକବିତାର ମାନଦଣ୍ଡ ଓ କବିତାଗୁଚ୍ଛ ପ୍ରକାଶ କରିବାର ଉଦ୍ଦେଶ୍ୟ ଜଣାପଡ଼େ ନାହିଁ ।

ପୁସ୍ତିକାଟିର ମୁଖବନ୍ଧ ଓ ଟିପ୍ପଣୀ (ଟୀକା ଅଛି) ନାହିଁ । କୈଫିୟତ୍ ଓ ଶାନୋକ୍ତି ଛଳରେ ଭୂମିକା ଓ ଉତ୍ସର୍ଗରୂପେ ନିମ୍ନ ପଂକ୍ତିଚତୁଷ୍ଟୟ ଦିଆ ଯାଇଛି ।

ତରୁଣ ତରୁଣୀ ହୃଦନିକଷେ
କଷେଁ ସ୍ୱର୍ଣ୍ଣରେଣୁ ମନ ହରଷେ
ସେ ଶୁଦ୍ଧ ନିକଷେ ସ୍ୱର୍ଣ୍ଣର ଦାଗ
ଆଣେ କବିମନେ ଆଶା ଅହ୍ଲାଦ ।

ସମ୍ପାଦକଙ୍କ ବକ୍ତବ୍ୟ ଯାହା ହେଉ ନା କାହିଁକି 'ଦାଗ' ଓ 'ଅହ୍ଲାଦ' ଶବ୍ଦଦ୍ୱୟରେ 'ଦ' ଓ 'ଗ'ର ମିଳନ ଅସିଦ୍ଧ ଓ ଅପ୍ରସିଦ୍ଧ । ସମ୍ପାଦକ କବି ଯେଉଁ ରେଣୁ ସଂଗ୍ରହ କରି ପରୀକ୍ଷା ପାଇଁ ଅଣିଛନ୍ତି ତାହା ହୃଦୟ ନିକଷରେ ଯେଉଁ ରେଖାପାତ କରୁଛି ତହିଁର ଫଳାଫଳ ଜଣାଇଦେବା ସମୀଚୀନ ।

ଗୋପବନ୍ଧୁଙ୍କ 'ରେଲ ଉପରେ ଚିଲିକା ଦର୍ଶନ'ର ଦାଗ 'ଚିଲିକା'ଠାରୁ ଢେର ଫିକା । 'ଜାତୀୟତା' ଯେଉଁଠି ଜଡ଼ିଛି ସେଇଠି କେବଳ 'ଦେବୀ ବୀଣାପାଣି'ର ଦାଗ ଭଲ ଚହଲା ପଡ଼ୁଛି । କାଳନ୍ଦୀ ବାବୁଙ୍କ 'ଗାନ୍ଧୀଙ୍କର ଅଶୀର୍ବାଦ' ଓ 'ବିଶ୍ୱଗ୍ରନ୍ଥ' ଭଲ ସୁବର୍ଣ୍ଣର ରେଣୁ ମାତ୍ର ଯାହାରୁ ଟିକିଏ ଠାଣୁଆ ଜଣା ପଡ଼ୁଛି ଓ ଆଖି ଝଲସିବା ଭଳି ରଙ୍ଗ ଦିଶୁନାହିଁ । ମାୟାଧରଙ୍କ 'ମହାନଦୀରେ ଜ୍ୟୋତ୍ସ୍ନାବିହାର' ରୂପ ସ୍ୱର୍ଣ୍ଣରେଣୁ ଜ୍ୟୋତ୍ସ୍ନାପରି ସ୍ନିଗ୍ଧ ସୁନ୍ଦର ଓ ଜକଜକଆ, ଉତ୍କଳର ଯେ କୌଣସି ଚତୁରା ଗ୍ରାହକଙ୍କୁ ଦେଖିବ କିମ୍ବା ପେଷାଦାର ବଣିଆ ଈର୍ଷାରେ ନିଶ୍ଚୟ 'ଭେଲ୍' ବୋଲି କହିବେ । ପଦ୍ମଚରଣ ଯାହାକୁ ସୁବର୍ଣ୍ଣ ବୋଲି ଅଣିଲେ ତାହା 'ସମାଜ'ରେ ବିଜ୍ଞାପିତ ଏମେରିକାନ ନିଉଗୋଲଡ଼, ଗଢ଼ିବି ଘର ପାଇଁ ମାନପାରେ । ବଣିଆ ସୁନାର କାରବାର କରୁଁ କରୁଁ 'ଭେଲ'କୁ ଭଲ କହିବା ସ୍ୱାଭାବିକ ପରା ! ବଂଶୀଧରଙ୍କ 'ହିମାଳୟ' ଓ 'ଯୁଗଯୁଗାନ୍ତରେ' ଭଲ ସୁବର୍ଣ୍ଣ । ମାତ୍ର 'ହିମାଳୟ'ରେ ଥିବା 'ମ୍ୟାଗ୍ନୋଲିଆ' ଓ 'ରୋଡ଼ୋଡେନଡ୍ରନ' ନାମକ ପଦାର୍ଥଦ୍ୱୟର ଗୁଣ ଜଣା ଯାଉନାହିଁ । 'ଯୁଗଯୁଗାନ୍ତରେ' ରେଣୁଟି Walter De



Digitized by srujanika@gmail.com

La mareଙ୍କ 'All that is past' ସୁବର୍ଣ୍ଣରେ ଉପାଣିତ ମତି ଜଗୁଛୁ । ଚନ୍ଦ୍ରଶେଖର ଓ ନାରାୟଣ ମୋହନ ଭଲ ସୁବର୍ଣ୍ଣରେ ତମ୍ବା ଓ ଦୁଇଅ ବହୁ ପରିମାଣରେ ମିଶାଇଛନ୍ତି । ଶେଲି ପରି ସଚ୍ଚା ବଣିଅ ମଧ 'ଉଇତଅ ପକ୍ଷୀ'ଦ୍ୱାରା କଳଙ୍କିତ ଓ ଅବମାନିତ ହୋଇଛନ୍ତି । ଗହଣା ପେଡ଼ିକୁ 'ଏକାଗ୍ରତା' କେବେ ପ୍ରଦର୍ଶନୀକୁ ଯିବ ବୋଲି ରାଧାନାଥ କଳ୍ପନା କରି ନ ଥିଲେ । ଭଞ୍ଜ ଓ ମେହେରଙ୍କ ରେଣୁ ଦିଓଟି ହଲ୍ ମାର୍କାର୍ ଉତ୍ସେସ ଓ ପୁରୁଣା ପଣ୍ଡିତଙ୍କ ଦ୍ୱାରା ବାରମ୍ବାର ପରୀକ୍ଷିତ ହୋଇ ସ୍ୱର୍ଣ୍ଣତକ ଖରା ଓ ହାଲୁକା ହୋଇ ଗଲଣି । ଭକ୍ତଚରଣ ଓ ଭୀମା ଧୀବରଙ୍କ ସୁବର୍ଣ୍ଣ ଅତ୍ୟଳ୍ପ; ପିଲଙ୍କ ପଦକ ପାଇଁ ହୁଏ ତ ଯଥେଷ୍ଟ ହୋଇ ପାରେ—ତରୁଣ ତରୁଣୀଙ୍କ ପ୍ରେମଫାଶ ବା loveknot ସେଥିରୁ ହୋଇ ପାରିବ ନାହିଁ । ଅର୍ଜୁନ ଦାସଙ୍କ ରେଣୁ ପୋଡ଼ାମାଲ୍, ଏସିଡ଼ ଟେଷ୍ଟ ପାଇଁ ପ୍ରାଚୀ ଗବେଷଣା କେନ୍ଦ୍ରର ସାହାଯ୍ୟ ଲୋଡ଼ା । କୃଷ୍ଣ ସିଂହଙ୍କ ରେଣୁ ପ୍ରତ୍ନତତ୍ତ୍ୱବିତ୍‌ର ସମ୍ପଦ, ପଦାକୁ ନ ଆଣିବା ସବୁଠାରୁ ଭଲ । କୁନ୍ତଳାକୁମାରୀଙ୍କ 'ବିଷାଦଗର ବିଶ୍ୱାସ' ପରୀକ୍ଷଣା ଓ ଗ୍ରହଣୀୟ । ବଳଦେବ ରଥ ଘରେ ଭଲ ସୁବର୍ଣ୍ଣ ରଖି ବଣିଅଙ୍କୁ ସତର୍କବାଣୀ ଦେଇଛନ୍ତି, 'All that glitters is not gold' ପାଲଗ୍ରେଭଙ୍କ 'ଗୋଲ୍ଡେନ ଟ୍ରେଜେରି' ଅନୁକରଣରେ ନାମିତ ହେଲେହେଁ 'ସ୍ୱର୍ଣ୍ଣରେଣୁ' ପଢ଼ିଲେ 'ଜଗତେ କେବଳ'ର ପରବର୍ତ୍ତୀ କବିତା 'କାହାକୁ କହିବା' ମନେ ପଡ଼ିଯାଏ ।

ସ୍ୱର୍ଣ୍ଣରେଣୁର ପରିଶିଷ୍ଟରେ କବିତାଗୁଡ଼ିକର ସାରାଂଶ ଓ ଟୀକା, ଶଙ୍ଖା, କାତି, ମରାଳୀ, ବଙ୍କା, ଅଲକତ, କବଳ, ଭ୍ରୂକୁଟୀ, ରାସଭ ପ୍ରଭୃତି ଶବ୍ଦମାନଙ୍କର ଅର୍ଥ ଦିଆ ଯାଇଛି । ଶବ୍ଦଗୁଡ଼ିକ କେବଳ ଗୋଟିଏ ପଦ୍ୟର ଟୀକାରୁ ସଂଗୃହୀତ । ଲର୍ଡ ବାଇରନଙ୍କ ଜୀବନକାଳ ବ୍ୟତୀତ ଅନ୍ୟ କୌଣସି କବିଙ୍କର ଜୀବନକାଳର ଆଭାସ ଦିଆ ଯାଇ ନାହିଁ । କବିପ୍ରତିଭା, କବିତାନୁରୂପ୍ୟ ଓ ଯୁଗ ସହିତ କାବ୍ୟ କବିତାର ସମ୍ପର୍କ, ସାହିତ୍ୟ କ୍ଷେତ୍ର ପ୍ରତି କବିବିଶେଷର ଅବଦାନର ସୂଚନା ଦେବା ଦୂରର କଥା ।

ଆଦର୍ଶ କବିତାଗୁଚ୍ଛର ଅଭାବ ସାହିତ୍ୟ କ୍ଷେତ୍ରରେ ଅନୁଭୂତ ହେଉଥିବାରୁ ଏ ଦିଗରେ ପଦ୍ମଚରଣଙ୍କ ଉଦ୍ୟମ ସର୍ବଥା ପ୍ରଶଂସନୀୟ, ଯେହେତୁ ସ୍ୱର୍ଣ୍ଣରେଣୁରେ ପରିଲକ୍ଷିତ ପ୍ରମାଦ ଭାବୀ ସମ୍ପାଦକଙ୍କୁ ଯତ୍ନଶୀଳ କରିବ । ଆଦର୍ଶ ସାହିତ୍ୟସଂଗ୍ରହସମ୍ପାଦନ ଗୁରୁଦାୟିତ୍ୱସମ୍ପନ୍ନ ବ୍ୟାପାର । ଏଥିପାଇଁ ସମ୍ପାଦକଙ୍କ କେତେଗୁଡ଼ିଏ ବିଶିଷ୍ଟ ଗୁଣ ଓ ଯୋଗ୍ୟତା ଥିବା ଉଚିତ । ସମ୍ପାଦକ ନିଜେ କବି ହୋଇ ନ ପାରନ୍ତି କିନ୍ତୁ ତାଙ୍କର ଅଭ୍ରାନ୍ତ କଳା ସମାଲୋଚନା ଶକ୍ତି ଓ ଅଦମ୍ୟ ସାଧନା ଅଧିକ ମାତ୍ରାରେ ଥିବା ଉଚିତ । ସାହିତ୍ୟ ରାଜ୍ୟର ପ୍ରତ୍ୟେକ ଅନ୍ଧିସନ୍ଧି ତାଙ୍କୁ ଜଣାଥିବ ଏବଂ ସେ ଆବଶ୍ୟକ ଓ ଅନାବଶ୍ୟକ ରଚନା ସମ୍ବନ୍ଧ ପର୍ଯ୍ୟାଲୋଚନା କରିପାରିବେ । ସାହିତ୍ୟର ଧାରାବାହିକ ଇତିହାସ, ଜାତିର ନିରବଚ୍ଛିନ୍ନ ଭାବଧାରା, ବିଭିନ୍ନ ସାହିତ୍ୟିକ ଯୁଗ ଓ କବିମାନଙ୍କ ପରସ୍ପର ସମ୍ପର୍କ ଓ ବୈଶିଷ୍ଟ୍ୟ ସମ୍ବନ୍ଧରେ ଜ୍ଞାନ ଅର୍ଜନ କଲା ପରେ ସମ୍ପାଦକ ଏ କାର୍ଯ୍ୟରେ ବ୍ରତୀ ହେବେ । କୌଣସି ଲେଖକ ପ୍ରତି ତାଙ୍କର ପକ୍ଷପାତିତା ଯେପରି ନ ଥାଏ ।

ନିର୍ବାଚନ କଲାବେଳେ ପ୍ରଥମତଃ କବିତାର ନିଃସନ୍ଦେହ ସୌନ୍ଦର୍ଯ୍ୟ ଓ ପ୍ରତିଷ୍ଠା ପ୍ରତି ଲକ୍ଷ୍ୟ ରଖିବା ଉଚିତ । ଦ୍ୱିତୀୟତଃ ସେଥିରେ କବିଙ୍କର ପ୍ରତିଭା ଯେପରି ଯଥାର୍ଥରୂପେ ପ୍ରତିଫଳିତ ହୁଏ ଓ ତାହା ସାହିତ୍ୟରାଜ୍ୟରେ ଏକ ଅଭିନବତ୍ୱ ପ୍ରଦର୍ଶନ କରି ଅବିଚ୍ଛିନ୍ନ ଜାତୀୟ ଭାବଧାରା ବଜାୟ ରଖେ ସେଥିପ୍ରତି ଦୃଷ୍ଟି ରଖିବାକୁ ହେବ । ଅର୍ଥାତ୍ କବିତାଟି ଯେପରି କବିଙ୍କ ରଚନାବଳୀରେ ତଥା ଜାତୀୟ ସାହିତ୍ୟର ଏକ ଅମୂଲ୍ୟ ରତ୍ନ ବୋଲି ଗଣ୍ୟ ହୁଏ । ଗୋଟିଏ ମାତ୍ର କବିତା ଲେଖି ଲେଖକ ଅମର ହୋଇ ପାରନ୍ତି ଏହା ମଧ ମନେ ରଖିବା ଉଚିତ । ମନୋନୀତ କବିତାଟିରୁ କବିଙ୍କର ଅନ୍ୟାନ୍ୟ ରଚନା ପ୍ରତି ଓ କବିତାଗୁଚ୍ଛଟିରୁ ସାରା ସାହିତ୍ୟରାଜ୍ୟ ପ୍ରତି ପାଠକଙ୍କ ମନ ଆକର୍ଷଣ କରିବାର ପ୍ରୟାସ ସମ୍ପାଦକଙ୍କ ପ୍ରଧାନ ଉଦ୍ଦେଶ୍ୟ ହେବ । 'ଭିନୋଷ୍ଟ ମାଛ' ପଢ଼ିଲେ କୃଷ୍ଣ ସିଂହଙ୍କ କବିତ୍ୱ ସମ୍ବନ୍ଧରେ ଯେପରି ଘୋର ସନ୍ଦେହ ଜନ୍ମେ, ସେହିପରି ଖଣ୍ଡିତ 'ବିଟଲକୁ ଆଲିଙ୍ଗନ' ଛନ୍ଦଟି ଓ 'ଜନେ ହସିବେ' କବିତାଟି ଯଥାକ୍ରମେ ଭଞ୍ଜ ଓ କବିସୂର୍ଯ୍ୟଙ୍କ ଯଥାର୍ଥ ପରିଚୟ ଦିଏ ନାହିଁ । ରମଣୀୟ ଶିଶିର ବିନ୍ଦୁଟି ଯେପରି ନିଜର ସୌନ୍ଦର୍ଯ୍ୟ ମଧ୍ୟରେ ପାରିପାର୍ଶ୍ୱିକ ରାଜ୍ୟର ମଧ ଦର୍ପଣର କାର୍ଯ୍ୟ କରେ କବିତାଗୁଚ୍ଛଟିଏ ଠିକ୍ ସେହିପରି ହେବା ବିଧେୟ ।

ସାହିତ୍ୟର ସର୍ବଶ୍ରେଷ୍ଠ କବିତାଗୁଡ଼ିକ ଏକତ୍ର କରି ପାରିଲେ ମଧ ଆଦର୍ଶ କବିତାଗୁଚ୍ଛ ସମ୍ପାଦିତ ହେଲା ନାହିଁ । ଶ୍ରେଷ୍ଠ ମଣିମୁକ୍ତା ଆହରଣ କରି ସେ ଗୁଡ଼ିକ ମାଳା ଆକାରରେ ଗୁନ୍ଥି ନ ଜାଣିଲେ ସେଗୁଡ଼ିକର ମର୍ଯ୍ୟାଦା କ୍ଷୁଣ୍ଣ ହୁଏ । ଅନ୍ତର୍ନିହିତ ଅଦୃଶ୍ୟମାନ ସମନ୍ୱୟ ସୂତ୍ରହିଁ ସମ୍ପାଦକଙ୍କ ସ୍ୱକୀୟ ଅବଦାନ ଓ ଏହାରି ବଳରେ ସେ ସମ୍ମାନାର୍ହ ହୁଅନ୍ତି । ସମ୍ପାଦକ ବିଶେଷରେ ସୂତ୍ର ବିଭିନ୍ନ ରୂପ ଓ ରଙ୍ଗ ଧରେ, ଯେପରି ଫୁଲ ସମାନ ହେଲେ ମଧ ମାଳାକାରର ଗ୍ରନ୍ଥନ କୌଶଳରେ ମାଳା ବିଭିନ୍ନ ହୁଏ । ଯେଉଁ କେତେ ଗୁଡ଼ିଏ ଉପାୟରେ କବିତାମାଳା ପ୍ରସ୍ତୁତ ହୁଏ ତନ୍ମଧ୍ୟରୁ କେତୋଟିର ଆଭାସ ନିମ୍ନରେ ଦିଆଗଲା ।

ରଚନାକାଳ ଅନୁକ୍ରମରେ କବିତାଗୁଡ଼ିକ ସଜା ଯାଇପାରେ । ଏ ଧରଣର ସଂଗ୍ରହରେ ସାହିତ୍ୟିକ ଯୁଗର ବିଭିନ୍ନ ଛେଦ ମଧ ଦେଖାଇ ଦିଆଯାଏ । ସାହିତ୍ୟର ଧାରା, କବିବିଶେଷର ପ୍ରତିଭା ଗୋଟିଏ ଯୁଗର ଅନ୍ୟ ଯୁଗ ଉପରେ ପ୍ରଭାବ, ଜାତୀୟ ଚିନ୍ତାଧାରାନୁରୂପ ଭାବ ଓ ଭାଷାର ଅଭିପ୍ରକାଶଭଙ୍ଗୀ ଏଥିରୁ ସୂଚିତ ହୁଏ । ସାହିତ୍ୟସ୍ରୋତର ଉପସ୍ରୋତରୂପେ କବିମାନେ ଏଠାରେ କାର୍ଯ୍ୟ କରନ୍ତି ଓ ପ୍ରଧାନ ସ୍ରୋତର ସମୃଦ୍ଧି ବିଧାନ କରନ୍ତି । ଏ ସ୍ଥଳରେ ସାହିତ୍ୟର ଇତିହାସ ସମ୍ପାଦକଙ୍କ ସର୍ବପ୍ରଧାନ ଅବଲମ୍ବନ ।

ସଂଗୃହୀତ କବିତାଗୁଡ଼ିକୁ ରଚନାକାଳ ଅନୁକ୍ରମରେ ନ ସଜାଇ ଆଖ୍ୟାନମୂଳକ, ବର୍ଣ୍ଣନାତ୍ମକ, ଗୀତିଗର୍ଭକ, ଚିନ୍ତାତ୍ମକ ପ୍ରଭୃତି ଶ୍ରେଣୀର ଅନ୍ତର୍ଭୁକ୍ତ କରି ଯାଇପାରେ । କିନ୍ତୁ ଏ ପ୍ରକାର



Digitized by srujanika@gmail.com

ବିଭାଗରେ ସର୍ବଦା ବ୍ୟବଧାନରେଖା ସୁସ୍ପଷ୍ଟ ହୁଏ ନାହିଁ କାରଣ ବର୍ଣ୍ଣନାତ୍ମକ କବିତାରେ ଚିନ୍ତା ମଧ୍ୟ ସ୍ଥାନ ପାଇଥାଏ ଓ ଆଖ୍ୟାନ-ମୂଳକ କବିତା ଗୀତିଗର୍ଭିକ ମଧ୍ୟ ହୋଇପାରେ । ପୁନଶ୍ଚ ଏ ଶ୍ରେଣୀର କବିତା ଗୁଚ୍ଛରେ ପାଠକ ସମ୍ପାଦକଙ୍କ ଅଭିନବ ଦୃଷ୍ଟିକୋଣର ସନ୍ଧାନ ପାଏ ନାହିଁ । କେହି କେହି କବିତାଗୁଡ଼ିକୁ ଇତିହାସ ପୃଥିବୀ ଓ ଜୀବନ ଏହି ତିନି ଶ୍ରେଣୀର ଅନ୍ତର୍ଭୁକ୍ତ କରିଥାନ୍ତି । ପାଠକପାଠିକାଙ୍କ ବୟସ, ଶିକ୍ଷା ଓ ରସଗ୍ରହଣ ଶକ୍ତିର ଅନୁପାତରେ କବିତା ଗୁଚ୍ଛ ପ୍ରକାଶିତ ହୋଇପାରେ । ସଙ୍ଗୀତମୟ ଅଳଙ୍କାର ବହୁଳ ପ୍ରାଚୀନ ସାହିତ୍ୟରୁ ଓଡ଼ିଆ ସାହିତ୍ୟ କପରି ଅମିତ୍ରାକ୍ଷର ଓ ମୁକ୍ତ ଛନ୍ଦମାନ କବିତା ଆକାର ଧାରଣ କଲା ତାହା ଦେଖାଇବା ପାଇଁ ମଧ୍ୟ ଭାଷାଦୃଷ୍ଟିରେ କେବଳ କବିତାହାରଟିଏ ପ୍ରସ୍ତୁତ କରାଯାଇପାରେ ।

ମାନବ ଜୀବନର ଗତି ଅନୁସରଣ କରି କବିତା ସଂଗ୍ରହ ମଧ୍ୟ ପ୍ରସ୍ତୁତ କରାଯାଏ । ଶିଶୁଟିଏ ଏଇ ଅତି ପୁରୁଣା ପୃଥିବୀରେ ଜନ୍ମଗ୍ରହଣ କରି ନାନା ଆଶା ଓ ଆକାଂକ୍ଷା ପୋଷଣ କରି କ୍ରୀଡ଼ା ମୁଖର ବାଲ୍ୟକାଳ କଟାଏ । ଯୌବନରେ ପଦାର୍ପଣ କରି ବିଶ୍ୱ ପ୍ରେମମୟ ଦେଖେ । ଜୀବନର ଅଭିଜ୍ଞତା ଅର୍ଜନ କରି ବାର୍ଦ୍ଧକ୍ୟରେ ମଧୁମୟ ଅତୀତର ତଥା ପରପାରର ଛବି ଦେଖେ । ସ୍ଥୂଳତଃ ମନୁଷ୍ୟ କବିବର୍ଣ୍ଣିତ ସାତୋଟି ଅଙ୍କରେ ଅଭିନୟ ଦେଖାଇ ଜୀବନ ଯବନିକା ଟାଣେ । ଜୀବନର ଏହି ଗତିପଥ ଅନୁକ୍ରମରେ ପୃଥିବୀର ଗାଥା, ମାଟିର ମାୟା, ଦେଶ ପ୍ରୀତି, ଜୀବନର ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ, ଦୈହିକ ପ୍ରେମର ମାଧୁରୀ, ନୈସର୍ଗିକ ପ୍ରେମ, ଅତୀତ ସ୍ମୃତି, ଜୀବନର ଅଭିଜ୍ଞତା ଓ ଉପଦେଶ, ମୃତ୍ୟୁର ଗୌରବ ବା ବିଭୀଷିକା ବର୍ଣ୍ଣିତ କବିତାମାନ କ୍ରମାନ୍ୱୟରେ କବିତା ଗୁଚ୍ଛରେ ସ୍ଥାନ ପାଏ । ଏ ପ୍ରକାର ସଂଗ୍ରହରେ କବିତାଗୁଡ଼ିକର ଭାବହିଁ କବିତା ସଜାଇବାରେ ପଥ ଦେଖାଏ । ସମ୍ପାଦକଙ୍କ ସ୍ୱକୀୟ ଜୀବନ-ଦର୍ଶନ ମଧ୍ୟ କବିମାନଙ୍କର ଚିନ୍ତାଧାରା ସହିତ କବିତା ଗୁଚ୍ଛରୁ ପ୍ରକଟିତ ହୁଏ । 'ଏ ସୃଷ୍ଟି ଅମୃତମୟ ହେ' କିମ୍ବା 'କେ ଦେଖିବ ଦେଖ ଫେଡ଼ି ନୟନ'ରେ ଯଦି ବହି ଆରମ୍ଭ ନ କରି 'ଯଉବନ ଦିନମାନ ବହିଯାଏ ବ୍ୟାକୁଳ କନ୍ଦନେ' ଦ୍ୱାରା ଆରମ୍ଭ କରାଯାଏ ଏବଂ ମନବୋଧ ଚଉତିଶା ପୁସ୍ତକର ଶେଷରେ ନ ଦେଇ ସମ୍ପାଦକ ଯଦି ବୈକୁଣ୍ଠଙ୍କ 'ମୃତ୍ତିକା ଦର୍ଶନ'ରୁ ପିଟେଃଟିଏ ଦିଅନ୍ତି ତେବେ ସମ୍ପାଦକୀୟ ମତ ଅନାୟାସରେ ଜଣା ପଡ଼ିବ । ମାତ୍ର ଏତିକି ମନେ ରଖିବା ଉଚିତ ଯେ ସମ୍ପାଦକ ଯେତେ ପରିମାଣରେ ସମାଜର ଚିନ୍ତାର ପ୍ରତିନିଧିତ୍ୱ କରି ପାରିବେ ଓ ଯେତିକି ଉଦାର ହୋଇ ବିଭିନ୍ନ ମତ ସନ୍ନିବେଶ କରିବେ ସେତିକି ଗୁରୁତ୍ୱରୂପେ ତାଙ୍କର ଦାୟିତ୍ୱ ତୁଲାଇ ପାରିବେ । ସୌନ୍ଦର୍ଯ୍ୟାନୁଭୂତିର ଦୃଷ୍ଟି କୋଣରୁ ମଧ୍ୟ ପ୍ରାୟ ଏହି ଉପାୟରେ କବିତା ସଙ୍କଳିତ ହୋଇପାରେ । ପ୍ରଥମେ ଜୀବନ ସମ୍ବନ୍ଧରେ ଧାରଣା ଦେଇ କିପରି ତାକୁ ମହନୀୟ କରା ଯାଇପାରେ ତାହାର ସୂଚନା ଦେଇ ଜୀବନ ଉପରେ ପ୍ରକୃତି ଓ ପାରିପାର୍ଶ୍ୱିକର ପ୍ରଭାବ, ଧର୍ମର ସ୍ଥାନ, ଜୀବନର ଆଦର୍ଶ, ଜାତୀୟତା, ପ୍ରେମ, କାରୁଣ୍ୟମୟ କାହାଣୀ, ପରପାରର ଛବି, ସ୍ୱପ୍ନମୟ କଳ୍ପନାରାଜ୍ୟ, ଅଜଣା ଓ ଅତିମାନୁଷିକ ଜଗତ୍ ପ୍ରଭୃତି ବିଷୟରେ କବିତାମାନ କବିତାଗୁଚ୍ଛରେ କ୍ରମାନ୍ୱୟରେ ଦିଆ ଯାଇ ପାରେ । ସାଧାରଣତଃ ଶେଷୋକ୍ତ ଦୁଇଟି ପନ୍ଥା ସର୍ବଶ୍ରେଷ୍ଠ ବୋଲି । ବିବେଚିତ ହୁଏ । ସମଗ୍ର ସାହିତ୍ୟ ପାଇଁ ଯଦି ଏକାଧିକ କବିତାଗୁଚ୍ଛ ଆବଶ୍ୟକ ହୁଏ ତେବେ ମଧ୍ୟ ସେଗୁଡ଼ିକର ଅନ୍ତର୍ନିହିତ ସୂତ୍ର ଅଖଣ୍ଡ ରଖିବା ବିଧେୟ ।

କବିତାଗୁଚ୍ଛଟିଏ ପ୍ରସ୍ତୁତ ହେଲା ପରେ ସମ୍ପାଦକଙ୍କୁ ପ୍ରଧାନ ସମସ୍ୟାର ସମ୍ମୁଖୀନ ହେବାକୁ ହୁଏ । ପ୍ରଥମେ ତାଙ୍କୁ ଉତ୍ତର ଦେବାକୁ ପଡ଼େ କାହିଁକି ସେ ଅନ୍ୟାନ୍ୟ କବିତା ଗୁଡ଼ିକ ସ୍ଥାନ ଦେଲେ ନାହିଁ । ଦ୍ୱିତୀୟତଃ ଯେଉଁ କବିତା ମନୋନୀତ ହେଲା ସେଗୁଡ଼ିକ ଯେ ବାସ୍ତବରେ ସାହିତ୍ୟର ଆଦର୍ଶ ସ୍ଥାନୀୟ ତାହାର ପ୍ରମାଣ ସ୍ୱରୂପ ସେଗୁଡ଼ିକର ମାଧୁରୀ ପାଠକ ସମ୍ମୁଖରେ ଫୁଟାଇବାକୁ ହୁଏ । ଅନ୍ତତଃ ପକ୍ଷରେ ଯେଉଁ କବି ଓ କବିତା ଦ୍ୱାରା ସାହିତ୍ୟର ବିଭିନ୍ନ ଦିଗରେ ଉତ୍କର୍ଷ ସାଧିତ ହୋଇଛି ସେମାନେ ଯଥାଯୋଗ୍ୟ ସମ୍ମାନ ପାଇବା ସମ୍ବନ୍ଧରେ ପାଠକର ଯେପରି ସନ୍ଦେହ ଜାତ ନ ହୁଏ । କବିଙ୍କର ସାହିତ୍ୟିକ ଜୀବନ, ସାହିତ୍ୟରେ ତାଙ୍କର ସ୍ଥାନ ଓ ପ୍ରଭାବ ବ୍ୟକ୍ତିଗତ ରଚନା ଶୈଳୀ ଓ କୌଶଳ ଏବଂ ସାହିତ୍ୟିକ ଯୁଗ-ମାନଙ୍କର ଲକ୍ଷଣ ସମ୍ବନ୍ଧରେ ସୂଚନା ଦେଲେ କବିତା ଗୁଚ୍ଛଟି ପୂର୍ଣ୍ଣାଙ୍ଗ ଓ ଆଦର୍ଶସ୍ଥାନୀୟ ହୁଏ । ଭୂମିକା ଓ ଟିପ୍ପଣୀ ସାହାଯ୍ୟରେ ସମ୍ପାଦକ ଏ କର୍ତ୍ତବ୍ୟ ସମ୍ପାଦନ କରନ୍ତି । ଟୀକା ଅଭିଧାନର ସ୍ଥାନ ଗ୍ରହଣ ନ କରି ମଲ୍ଲୀନାଥଙ୍କ ସଞ୍ଜୀବନୀର ଆଦର୍ଶ ଗ୍ରହଣ କରେ । ସ୍ଥଳବିଶେଷରେ ଭାବର ସାମଞ୍ଜସ୍ୟ ଦେଖାଇବା ପାଇଁ ପୂର୍ଣ୍ଣ କବିତାଟିଏ ପ୍ରତି ପାଠକର ଦୃଷ୍ଟି ଆକର୍ଷଣ କରାଯାଏ । ବିଶେଷତଃ ଅପରିହାର୍ଯ୍ୟ କାରଣରୁ ଯେଉଁମାନେ ସ୍ଥାନ ପାଇ ନାହାନ୍ତି ସେମାନଙ୍କ କଥା ମଧ୍ୟ ପାଠକଙ୍କୁ ସ୍ମରଣ କରାଇ ଦେବାକୁ ହେବ ।

ଏଠାରେ କେତୋଟି ଅପ୍ରିୟ ସତ୍ୟ କହିବା ଉଚିତ । ସମ୍ପାଦକ ଯେତେ ବଡ଼ କବି ହୁଅନ୍ତୁ ପଛକେ ନିଜର କବିତା ତାଙ୍କର ସମ୍ପାଦିତ କବିତାଗୁଚ୍ଛରେ ସନ୍ନିବେଶ କରିବା ଦୂଷଣୀୟ ନ ହେଲେ ମଧ୍ୟ ଶିଷ୍ଟାଚାରରହିତ । ଲରେନ୍ସ ବିନୟନ ଗୋଲ୍ଡେନ ଟ୍ରେଜେରୀର ପଞ୍ଚମଭାଗର ସମ୍ପାଦନା କରି ସେଥିରେ ନିଜର କବିତାପାଇଁ ସ୍ଥାନ ରଖି ନାହାନ୍ତି ଅଥଚ ଯେ କୌଣସି ଉତ୍କୃଷ୍ଟ ଇଂରାଜୀ କବିତା ସଂଗ୍ରହରେ ତାଙ୍କର ସ୍ଥାନ ନିଶ୍ଚିତ । ଦ୍ୱିତୀୟତଃ ଜାତୀୟ ସାହିତ୍ୟ ସଂଗ୍ରହରେ ବୈଦେଶିକ ଭାଷାରୁ ଅନୂଦିତ କବିତାର ସ୍ଥାନ ନାହିଁ । କବି ବିଶେଷର ସାହିତ୍ୟିକ କାରସାଦି ରୂପେ ତାଙ୍କର ଅନୂଦିତ ପଦ୍ୟରାଜି ଗ୍ରନ୍ଥାବଳୀରେ ସ୍ଥାନ ପାଇ ପାରେ । ତୃତୀୟତଃ ଆଦିରସ ପ୍ରଧାନ ପ୍ରାଚୀନ ଓଡ଼ିଆ ସାହିତ୍ୟରୁ କବିତା ନିର୍ବାଚନ କଲାବେଳେ ଯଥେଷ୍ଟ ସାବଧାନତା ଆବଶ୍ୟକ । ଯହିଁରୁ ପାଠକର ଦୈହିକ ଉନ୍ମାଦନା ଜାଗ୍ରତ ହେବ ସେହିପରି ଉତ୍କଟ ପ୍ରେମଚିତ୍ର ସଂଗ୍ରହ କରିବା ଯେତିକି ଅପରାଧଜନକ ପ୍ରାଚୀନ ସାହିତ୍ୟରୁ ପ୍ରେମ ଏକାବେଳକେ ବାଦ୍ ଦେବା ( ଯେପରି ସ୍ୱର୍ଣ୍ଣରେଣୁରେ କରାଯାଇଛି ) ସେହିପରି ନୈତିକ ଭୀରୁତାମୂଳକ । ନୀତି ଦୃଷ୍ଟିରୁ କବିତା ବିଚାର ନ କରି ସାହିତ୍ୟିକ ରୁଚି ଦିଗରୁ ବିବେଚନା କରିବା ଉଚିତ ।

ଆଦର୍ଶ ସାହିତ୍ୟସଂଗ୍ରହ ସମ୍ପାଦନ ସଂଘବଦ୍ଧ ଚେଷ୍ଟା ବ୍ୟତିରେକେ ବ୍ୟକ୍ତିବିଶେଷର ଉଦ୍ୟମରେ ପ୍ରାୟଶଃ ସଫଳ ହୁଏ ନାହିଁ । ଲବ୍ଧପ୍ରତିଷ୍ଠ ସାହିତ୍ୟିକବର୍ଗ ନିଷ୍ଠାର ସହିତ ଏ ଗୁରୁଭାର ଗ୍ରହଣ କଲେ ସୁଫଳ ମିଳି ପାରିବ, ଅବଶ୍ୟ ଜଣଙ୍କ ଉପରେ ସାଧାରଣ ସମ୍ପାଦନାର କର୍ତ୍ତବ୍ୟ ନ୍ୟସ୍ତ ରହିବା ଉଚିତ । ଆବଶ୍ୟକସ୍ଥଳେ ପ୍ରଦେଶର ଅନ୍ୟାନ୍ୟ ସାହିତ୍ୟିକଙ୍କର ମଧ୍ୟ କବିତା ଓ କବିତାଗୁଡ଼ିକର ଯଥାର୍ଥ ମହତ୍ତ୍ୱ ସମ୍ବନ୍ଧରେ ମତ ସଂଗ୍ରହ କରି ଯାଇପାରେ । ଓଡ଼ିଆ ସାହିତ୍ୟରେ ଏ ପର୍ଯ୍ୟନ୍ତ ଆଦର୍ଶ ସାହିତ୍ୟ-ସଂଗ୍ରହର ଅଭାବ ଥିବାରେ ସାହିତ୍ୟ ରାଜ୍ୟରେ ଅରାଜକତା ବ୍ୟାପିଛି । ପାଠ୍ୟପୁସ୍ତକ ଛଳରେ ବିଶ୍ୱବିଦ୍ୟାଳୟ ଗଦ୍ୟ-ପଦ୍ୟାଦର୍ଶ ପ୍ରକାଶ କଲେ ଛାତ୍ରସମାଜ ତଥା ସାହିତ୍ୟରସିକଙ୍କର ଏକ ଦୀର୍ଘଅନୁଭୂତ ଗୁରୁତର ଅଭାବ ଦୂର ହୁଅନ୍ତା । ଭାରତ ଇତିହାସ ସଙ୍କଳନରେ ଯେଉଁ ପନ୍ଥା ଅବଲମ୍ବିତ ହୋଇଛି ତାହା ଅନୁସରଣ କରି ବିଭିନ୍ନ ଯୁଗର ଓଡ଼ିଆ ସାହିତ୍ୟରେ ପରାକାଷ୍ଠା ଲାଭ କରିଥିବା ସାହିତ୍ୟରଥୀମାନଙ୍କୁ ଏହି ଭାର ଗ୍ରହଣ କରିବା ପାଇଁ ଆହ୍ୱାନ କରି ଯାଇପାରେ ।

# ନୀଡ ଅନ୍ୱେଷଣ

**ମହେଶ୍ୱର ନାୟକ**

( ୧ )

ପକ୍ୱଶାଳୀ ଭାରେ ଭାରେ ହସାଇ କେଦାର
ମେଲିଛି ଧରଣୀ ସ୍ୱର୍ଣ୍ଣଭଣ୍ଡାରର ଦୁଆର,
ପ୍ରସନ୍ନ ଭାଗ୍ୟର ପାଇ ନିଶ୍ଚିତ ସନ୍ଧାନ
ନିଖିଳର ହିଆ ଭରି ପ୍ରଫୁରଇ ପ୍ରାଣ ।
ବିପୁଳ ଏ ଐଶ୍ୱର୍ଯ୍ୟର ସିଂହଦ୍ୱାର ପାଶେ
ବସି କେ କାଟଇ କାଳ ଦୀର୍ଘ ଉପବାସେ
କେ କରଇ ଲେଖା ? ଏଥି ଯାନ୍ତି କେତେ ଚଳି
ଦରିଦ୍ରର ଜୀର୍ଣ୍ଣ ଥାଳ ରଥ ଚକ୍ରେ ଦଳି
ବିଜୟୀର ଅହଙ୍କାରେ,—ଏଇ ରାଜପଥେ,
ଧୂଳି ଉଡ଼ି ଛାଇ ଯାଏ ବ୍ୟୋମ ପରିଯନ୍ତେ ।
ଲାଞ୍ଛିତର ଦୈନ୍ୟେ କରି ତୀବ୍ର ଉପହାସ
ହା ରେ ବିଧି ! ଧନୀକର ଏମନ୍ତେ ନା କି ଆଶ ?
ଭାଗ୍ୟହୀନ ରହେ ଯଦି କରମ ଆଦରି
ତହିଁ ସ୍ପର୍ଦ୍ଧା ଈର୍ଷ୍ୟା ତାର ଚଳେ ଅନୁସରି ।

( ୨ )

ସୁନ୍ଦର ଏ ଧରା କୋଳେ ଏଇ ବୈସାଦୃଶ୍ୟ
ପଳେ ପଳେ ହରି ନେଇ ଏକର ଆୟୁଷ
ଦୀର୍ଘଶ୍ୱାସ କରେ ଆନେ; ଏଥି କିସ ଦେଖି
ମାଟିର ଏ ମାୟା ପ୍ରେମେ ପାରେଁ ନା ଉପେକ୍ଷି
ପାରି କି ଗୋ ଜାଣି ? ଖାଲି ତୁମରି କରୁଣା
ଘଟ ମୋର ଦୈନ୍ୟେ ହେନେ ନୁହେ ବୋଲି ଭଣା
ମିନତି ମୋ ଆସ ସଖି ! ଏକ ମନୋରଥେ
ତୁମେ ମୁହିଁ ବେନି ଜନେ ବାହି ଶୂନ୍ୟ ପଥେ
ଚଳିବା ଗୋ ନିଭୃତର ନୀଡ଼ ଅନ୍ୱେଷଣେ
ଯହିଁ ସେ ଅମୋଘ ଭାଗ୍ୟ-ଲିପି ବିରଚନେ
ଅଙ୍କ ସମ ଗୃହେ ତୂଳୀ; ମସୀ ଧାରେ ତାର
ମୁହିଁ ଯଦି ଢାଳି ଦେବି ହୃଦ ରକ୍ତଧାର,
ତୁମେ ଦେବ ମମତାର ଶୁଭ୍ର ଅଶ୍ରୁ ପୁଞ୍ଜ
ମରୁର ଏ ମର୍ତ୍ତ୍ୟ ହେବ ନନ୍ଦନ ନିକୁଞ୍ଜ ।

---

**ଚତୁର୍ବିଧ ଲୋକ**——ସାଧାରଣତଃ ଆମ୍ଭେମାନେ ଧର୍ମକ୍ଷେତ୍ରରେ ଚତୁର୍ବିଧ ଲୋକ ଦେଖିବାକୁ ପାଉଁ:—(୧) ପ୍ରକୃତ ଈଶ୍ୱରବିଶ୍ୱାସୀ (୨) ସଂଶୟବାଦୀ (୩) ଅନ୍ଧ ବିଶ୍ୱାସୀ (୪) ନାସ୍ତିକ । ପ୍ରକୃତ ଧର୍ମଶାସ୍ତ୍ର ଅଧ୍ୟୟନ ବା ସଦ୍‌ଗୁରୁ ଉପଦେଶ ପ୍ରଭାବରେ ଈଶ୍ୱରସତ୍ତା ପ୍ରାଣରେ ଅନୁଭବକାରୀ ଈଶ୍ୱରୋପାସକ ମାନେହିଁ ଧର୍ମମାର୍ଗରେ ଶ୍ରେଷ୍ଠ ଯାତ୍ରୀ ।

ଯେଉଁମାନେ କୌଣସି ରୂପ ଅନୁସନ୍ଧାନ ନ କରି କୁସଂସର୍ଗ ବା ଭ୍ରାନ୍ତ ଉପଦେଶ ପ୍ରଭାବରେ କୌଣସି ପ୍ରକାର ପଦାର୍ଥକୁ ଈଶ୍ୱର ଜ୍ଞାନରେ ଉପାସନା କରିଥାନ୍ତି, ସେହିମାନେହିଁ ଅନ୍ଧ ବିଶ୍ୱାସୀ ।......ତୁଳନାରେ ଅନ୍ଧ ବିଶ୍ୱାସୀଠାରୁ ସଂଶୟବାଦୀ ବହୁ ଗୁଣରେ ଶ୍ରେଷ୍ଠପଦବାଚ୍ୟ ହେବାର ଯୋଗ୍ୟ । ଯେହେତୁ ସେମାନେ ଈଶ୍ୱରସତ୍ତା ଅନ୍ୱେଷଣରେ ନିଯୁକ୍ତ.. କେତେବେଳେ ହେଲେ ସେମାନଙ୍କ ସଂଶୟାକୁଳିତ ଅନ୍ଧକାରାଚ୍ଛନ୍ନ ହୃଦୟରେ ଈଶ୍ୱର ଜ୍ୟୋତି ପ୍ରତିଫଳିତ ହେବ ବୋଲି ଆଶା କରାଯାଇ ପାରେ । କାରଣ ସଂଶୟବାଦୀମାନେ ସଚରାଚର ଜ୍ଞାନୀ, ବିଶେଷରେ ଦାର୍ଶନିକ ।...ସଂସାରାବର୍ତ୍ତରେ ପୁନଃ ପୁନଃ ଆଘାତ ପ୍ରାପ୍ତ ହୋଇ ନିତାନ୍ତ ଆକୁଳ ଭାବରେ ଦୟାମୟ ଈଶ୍ୱରଙ୍କ ଶରଣାପନ୍ନ ହୋଇ ପରିଣତ ବୟସରେ ଜୀବନରେ ଶାନ୍ତିଲାଭ ଅନେକ ସଂଶୟବାଦୀ ସଚରାଚର ଦୃଷ୍ଟିଗୋଚର ହୁଅନ୍ତି । ଅବଶ୍ୟ ସଂଶୟବାଦୀ କୌଣସିରୂପେ ପ୍ରଶଂସ୍ୟ ନୁହନ୍ତି । ଗୀତା ଶାସ୍ତ୍ରରେ ଉଲ୍ଲେଖ ଅଛି:...“ସଂଶୟାତ୍ମା ବିନଶ୍ୟତି” । ତଥାପି ଅନ୍ଧବିଶ୍ୱାସୀଠାରୁ ସଂଶୟବାଦୀ କେବଳ ନିଜ ଆତ୍ମାର ଅନିଷ୍ଟକାରୀ, ମାତ୍ର ଅନ୍ଧବିଶ୍ୱାସୀଗଣ ପୃଥିବୀର ଭୟଙ୍କର ଶତ୍ରୁ, ଭୀଷଣ ଅମଙ୍ଗଳକାରୀ । ଏମାନଙ୍କ ଯୋଗରେ ଲକ୍ଷ ଲକ୍ଷ ମହାପ୍ରାଣୀଙ୍କ ଶୋଣିତ ସ୍ରୋତରେ ପୃଥିବୀ ପୁନଃ ପୁନଃ ପ୍ଲାବିତ ହୋଇଅଛି । ଆପଣାର ମଙ୍ଗଳ କାମନାରେ ଏମାନେ ନରବଳି ଦେବାକୁ କଷ୍ଟ ମାତ୍ର କୁଣ୍ଠିତ ନୁହନ୍ତି, ପ୍ରତ୍ୟୁତ ସ୍ୱର୍ଗପ୍ରଦ ବୋଲି ବିଶ୍ୱାସ କରିଥାନ୍ତି । ଦେଖାଯାଏ ଅନ୍ଧବିଶ୍ୱାସୀମାନେ କୁସଂସ୍କାରାଚ୍ଛନ୍ନ କୃପାପାତ୍ର । ନାସ୍ତିକମାନେ ମାନବ ନାମରେ ଉକ୍ତ ହେବାର ଅଯୋଗ୍ୟ ।

—ଫକୀରମୋହନ



Digitized by srujanika@gmail.com

# ଦେଶୀୟ ରାଜ୍ୟ ସମାଚାର

## ବରୋଦା

### ହିନ୍ଦୁ ଆଇନ

ସର ବି. ଏନ୍. ରାଓଙ୍କ ସଭାପତିତ୍ୱରେ ଗଠିତ ହିନ୍ଦୁ ଆଇନ ସଂଗଠନ କମିଟି ପ୍ରସ୍ତୁତ କରିଥିବା ଚିଠାର କେତେକ ଅଂଶ ଜନମତ ସଂଗ୍ରହ କରିବା ପାଇଁ ପ୍ରକାଶିତ ହୋଇଛି । ଏ ପ୍ରସଙ୍ଗରେ ବରୋଦାରେ ପ୍ରଚଳିତ ହିନ୍ଦୁ ଆଇନ ପ୍ରଣିଧାନ ଯୋଗ୍ୟ ସ୍ୱର୍ଗୀୟ ମହାରାଜା ସର ସୟାଜୀ ରାଓ ଗାଇକବାଡ଼ଙ୍କର ଦୀର୍ଘ ରାଜତ୍ୱକାଳ ମଧ୍ୟରେ ବିଭିନ୍ନ ସମୟରେ ସେଠାରେ ହିନ୍ଦୁ ଆଇନର ଯୁଗୋପଯୋଗୀ ପରିବର୍ତ୍ତନ ହୋଇଥିଲା ଏବଂ ପରିଶେଷରେ ୧୯୩୭ ସାଲରେ ହିନ୍ଦୁ ଆଇନ ବରୋଦାରେ ବିଧିବଦ୍ଧ କରାଯାଇଛି ।

ବରୋଦା ସରକାର ତାଙ୍କ ହିନ୍ଦୁ ଆଇନରେ ଉତ୍ତରାଧିକାର, ବିଶେଷତଃ ସ୍ତ୍ରୀଲୋକମାନଙ୍କର ସମ୍ପତ୍ତିର ଅଧିକାର ବିଷୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ନୂତନ ପ୍ରବର୍ତ୍ତିତ ଆଇନରେ ଅଂଶୀଦାରର ବିଧବା ଏକାନ୍ନବର୍ତ୍ତୀ ପରିବାରରେ ସ୍ୱାମୀର ସ୍ଥାନ ଅଧିକାର କରେ । ଉତ୍ତରାଧିକାର ସୂତ୍ରେ ବା ଅଂଶୀକରଣ ସୂତ୍ରେ ଲବ୍ଧ ବାର ହଜାର ଟଙ୍କାର ସମ୍ପତ୍ତି ପର୍ଯ୍ୟନ୍ତ ସେ ଏକାଏକ ମାଲିକ ଓ ସ୍ୱତ୍ୱାଧିକାରିଣୀ ହୋଇ ପାରେ ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତିରେ ମଧ୍ୟ ତାର ସୀମାବଦ୍ଧ ଅଧିକାର ରହେ । ସ୍ୱାମୀର ସ୍ୱୋପାର୍ଜିତ ସମ୍ପତ୍ତିରେ ବିଧବା, ପୁତ୍ର ସଙ୍ଗରେ ସମାନ ଭାଗୀଦାର ରୂପେ ଅଂଶ ପାଇଥାଏ । ଯେଉଁ ସମ୍ପତ୍ତିରେ ବିଧବାର ସୀମାବଦ୍ଧ ଅଧିକାର ଅଛି ସେଥିରେ ମଧ୍ୟ ତାକୁ ଶିକ୍ଷା ପାଇଁ ବା ଦାନସୂତ୍ରରେ ହସ୍ତାନ୍ତର କରିବାର ଅଧିକାର ଦିଆ ହୋଇଛି । ପୈତୃକ ସମ୍ପତ୍ତିରେ ଅବିବାହିତା କନ୍ୟାର ଅଧିକାର ପୁତ୍ରର ଅଧିକାରର ଏକ ଚତୁର୍ଥାଂଶ ଏବଂ ସେହି ସମ୍ପତ୍ତି ବିଭାଜ୍ୟ । ବିବାହ ପରେ ବୈଧବ୍ୟ ପ୍ରାପ୍ତ କନ୍ୟା ମଧ୍ୟ ପୈତୃକ ସମ୍ପତ୍ତିରେ କେତେକ ସର୍ତ୍ତରେ ଅଧିକାର ପାଏ । ବିଧବା ବଧୂର ଉତ୍ତରାଧିକାରୀ ସୂତ୍ରେ ସ୍ଥାନ ମୃତ ଶ୍ୱଶୁରଙ୍କର ମାତାଙ୍କ ପରେ । କନ୍ୟାର ପୁତ୍ରମାନେ ଜୀବିତା କନ୍ୟାମାନଙ୍କ ସଙ୍ଗରେ ମାତାମହର ସମ୍ପତ୍ତିରେ ଉତ୍ତରାଧିକାରୀ ସୂତ୍ରେ ଦାବି ରଖନ୍ତି ।

ସ୍ତ୍ରୀ ଧନ ଓ ଯୌତୁକ ସମ୍ବନ୍ଧୀୟ ଆଇନରେ ଯୁଗୋପଯୋଗୀ ପରିବର୍ତ୍ତନ କରାଯାଇଛି ।

ବିବାହ ବିଷୟରେ ବରୋଦା ଆଇନ ଉଦାର । ବରୋଦା ହିନ୍ଦୁ ଆଇନରେ ବର୍ଣ୍ଣର ସ୍ଥାନ ନାହିଁ । ଯେ କୌଣସି ଜାତିର ହିନ୍ଦୁ ଅନ୍ୟ ଯେ କୌଣସି ଜାତିରେ ବିବାହ କରି ପାରେ । ଗୋତ୍ର ଏବଂ ପ୍ରବର ସମ୍ବନ୍ଧୀୟ ସମସ୍ତ ବାଧା ଉଠାଇ ଦିଆ ହୋଇଛି । ଫଳରେ ସଗୋତ୍ର ଓ ସପ୍ରବର ବିବାହ ବରୋଦାରେ ନିଷିଦ୍ଧ ନୁହେଁ । ହିନ୍ଦୁମାନଙ୍କ ମଧ୍ୟରେ ଛାଡ଼ପତ୍ର ପ୍ରଥା ବରୋଦା ସରକାର ୧୯୩୧ ସାଲରୁ ଆଇନ କରି ଚଳାଉଛନ୍ତି । ଏହି ଆଇନ ବଳରେ ଛାଡପତ୍ର, ସ୍ୱାମୀ ସ୍ତ୍ରୀର ପୃଥକ ବାସ, ବିବାହ ରଦ୍ଦ ଓ ଦାମ୍ପତ୍ୟ ସ୍ୱତ୍ୱର ପୁନଃପ୍ରତିଷ୍ଠା ଲାଭ କରାଯାଏ । ବରୋଦାରେ ଅଦାଲତର ସାହାଯ୍ୟ ବିନା ସ୍ତ୍ରୀ ସ୍ୱାମୀଠାରୁ ଅଲଗା ହୋଇ ବାସ କରିବାର ଅଧିକାର ପାଇଛି । ଯେଉଁ ଜାତିର ହିନ୍ଦୁମାନଙ୍କ ମଧ୍ୟରେ ଛାଡପତ୍ର ନେବାର ବ୍ୟବସ୍ଥା ନାହିଁ, ସେମାନେ ମଧ୍ୟ ଅଦାଲତରେ ନିଷ୍ଠୁରତା, ଅତ୍ୟଧିକ ମଦ୍ୟପାନ, ପରିତ୍ୟାଗ ଅସଚ୍ଚରିତ୍ରତା ଓ ନପୁଂସକତ୍ୱ ପ୍ରମାଣ କରି ପାରିଲେ ଛାଡପତ୍ର ପାଆନ୍ତି । ବରୋଦା ସରକାର ୧୯୪୨ ସାଲରେ ହିନ୍ଦୁ ଆଇନର ୧୧୭ ଦଫା ସଂଶୋଧନ କରି ଆଇନ କରିଛନ୍ତି ଯେ ଗୋଟିଏ ସ୍ତ୍ରୀ ବଞ୍ଚିଥିବା ଅବସ୍ଥାରେ ସ୍ୱାମୀ ଅନ୍ୟ ବିବାହ କଲେ ସେ ବିବାହ ବରୋଦାରେ ଆଇନସଙ୍ଗତ ହେବ ନାହିଁ ।

## ହାଇଦ୍ରାବାଦ

### ଜଳସର     ନା

ଭାରତୀୟ ଇଞ୍ଜିନିୟରିଂ ଅନୁଷ୍ଠାନର ପଞ୍ଚବିଂଶ ବାର୍ଷିକ ଅଧିବେଶନର ଉଦ୍ଘାଟନ କରିବାକୁ ଯାଇ ନିଜାମଙ୍କ କାର୍ଯ୍ୟନିର୍ବାହିକା ପରିଷଦର ଅର୍ଥ ସଚିବ ଆଶା ପ୍ରକାଶ କରିଥିଲେ ଯେ ଅଳ୍ପକାଳ ମଧ୍ୟରେ ତୁଙ୍ଗଭଦ୍ରା ନଦୀର ବିରାଟ ଜଳ ସରବରାହ ଯୋଜନା ହାଇଦ୍ରାବାଦ ଓ ମାନ୍ଦ୍ରାଜ ସରକାରଙ୍କ ସହଯୋଗରେ ଆରମ୍ଭ ହୋଇ ଶୀଘ୍ର ଶେଷ ହେବ ।

ଉକ୍ତ ଜଳଭଣ୍ଡାରରେ ୧୬୦,୦୦୦,୦୦୦,୦୦୦ ଘନ ଫୁଟ ଜଳ ରହିବ ଓ ଭାରତ ବର୍ଷରେ ଏହା ଏକ ବିରାଟ ଜଳଭଣ୍ଡାର ହେବ । ଗତ ଦେଢ଼ଶହ ବର୍ଷ ଧରି ରାଇଚୁର ଜିଲ୍ଲାର ଯେଉଁ ଅଞ୍ଚଳମାନଙ୍କରେ କ୍ରମାଗତ ଭାବରେ ଦୁର୍ଭିକ୍ଷ ହେଉଛି ସେ ଅଞ୍ଚଳର ୭୦ ,୦୦୦ ଏକର ଜମିକୁ ଅକ୍ଳେଶରେ ଏଥିରୁ ଜଳ ମାଡି ପାରିବ ।

ସେ ଆହୁରି ପ୍ରକାଶ କରିଥିଲେ ଯେ ଏକ ହାଇଡ୍ରୋଇଲେକ୍‌ଟ୍ରିକ୍ ଯୋଜନାର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇ ସାରିଲାଣି । ଏହି ଯୋଜନା କାର୍ଯ୍ୟରେ ପରିଣତ ହେଲେ ଏହା ଦଶଲକ୍ଷ ଏକର ଜମିକୁ ଜଳ ଯୋଗାଇ ପାରିବ ଓ ଏଥିରୁ ୧୧୦,୦୦୦ କିଲୋୱାଟ୍ ବୈଦ୍ୟୁତିକ ଶକ୍ତି ଜାତ ହୋଇ ପାରିବ ।




Digitized by srujanika@gmail.com

# ସମ୍ବାଦ ସଙ୍କେତ

## ଓଡ଼ିଶାର ଦେଶୀୟ ରାଜ୍ୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ

ଓଡ଼ିଶାର ଲାଟ ସାହେବ ମାନ୍ୟବର ଚାନସେଲର ନଭେମ୍ବର ପହିଲା ସକାଳ ୧୦ ଟା ବେଳେ କଟକ ରେଭେନ୍ସା କଲେଜ



ଉତ୍କଳ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ଅବସରରେ ମହାମାନ୍ୟ ଚାନସେଲରଙ୍କ ସମ୍ବର୍ଦ୍ଧନା । ଛବିର ବାମ ପାର୍ଶ୍ୱରେ ପ୍ରୋଚାନସେଲର ମୟୂରଭଞ୍ଜ ମହାରାଜା ।

ଏସେମ୍ବଲି ହଲରେ ଉତ୍କଳ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ । ମାନ୍ୟବର ଚାନସେଲର ତାଙ୍କର ଭାଷଣରେ ଓଡ଼ିଶାର ଦେଶୀୟ ରାଜ୍ୟଗୁଡ଼ିକର ବିଶ୍ୱବିଦ୍ୟାଳୟ ସହିତ ସମ୍ପର୍କ ବିଷୟରେ ଯାହା କହିଥିଲେ ତାହା ନିମ୍ନରେ ଦିଆଗଲା:—

"ଥରେ ନିଷ୍ପତ୍ତି ହୋଇଗଲା ପରେ ଏବଂ ଆବଶ୍ୟକୀୟ ଆଇନ ସ୍ୱୀକୃତ ହୋଇଯିବା ସଙ୍ଗେ ସଙ୍ଗେ ପଡ଼ୋଶୀ ଓଡ଼ିଶା ଦେଶୀୟ ରାଜ୍ୟମାନେ ଯେପରି ତୁରନ୍ତ ସହଯୋଗ ଦେଖାଇଲେ ତା ଠାରୁ ବଳି ଅଧିକ ଉତ୍ସାହର ବିଷୟ ଆଉ କ'ଣ ହୋଇପାରେ ? ବିଶ୍ୱବିଦ୍ୟାଳୟ ସହିତ ସେମାନଙ୍କର ସମ୍ପର୍କ କେଡ଼େ ମୂଲ୍ୟବାନ୍ ଓ କେଡ଼େ ଆଦରଣୀୟ ! ଆମ୍ଭମାନଙ୍କ ସହିତ ସେମାନଙ୍କର ଏ ସମ୍ପର୍କ ସାମୟିକ ବା ଅସ୍ଥାୟୀ ନୁହେଁ । ଦେଶୀୟରାଜ୍ୟ ପ୍ରତିନିଧି-ମାନେ ବିଶ୍ୱବିଦ୍ୟାଳୟ ଅନ୍ତର୍ଭୁକ୍ତ ଅନୁଷ୍ଠାନମାନଙ୍କରେ ନିର୍ଦ୍ଦିଷ୍ଟ ଓ ବିଧିବଦ୍ଧ ସ୍ଥାନ ପାଇଛନ୍ତି । ଆମ ରାଜ୍ୟ ବାହାରୁ ଅପରିଚିତ ଭାବରେ ଆମର ଏଠାରେ ଆଶା-ଆକାଙ୍କ୍ଷାରେ ଭାଗୀ ହୋଇଛନ୍ତି । ସେମାନଙ୍କର ଏ ଯୋଗଦାନ ଆମ ପକ୍ଷରେ ଶକ୍ତିର ଅଭିବୃଦ୍ଧି ଏବଂ ଓଡ଼ିଆଭାଷୀ ଲୋକେ ଯିଏ ଯେଉଁଠାରେ ଅଛନ୍ତି ସେମାନେ ପରସ୍ପର ସହିତ ଯେଉଁ ବନ୍ଧନରେ ଆବଦ୍ଧ, ଏ ସଂଯୋଗ ସେହି ସ୍ୱାଭାବିକ ସମ୍ପର୍କକୁ ପୁନଃ ପ୍ରତିଷ୍ଠିତ କରିଛି । ଆମ ବିଶ୍ୱ-ବିଦ୍ୟାଳୟରେ ଦେଶୀୟରାଜ୍ୟର ପ୍ରତିନିଧିମାନଙ୍କ ମଧ୍ୟରେ ପ୍ରଥମ ଓ ସର୍ବମୁଖ୍ୟ ହେଉଛନ୍ତି ମୟୂରଭଞ୍ଜର ମହାରାଜା ସାର୍ ପ୍ରତାପ ଚନ୍ଦ୍ର ଭଞ୍ଜ ଦେବ । ମୁଁ ତାଙ୍କୁ ମୋ ସହିତ ପ୍ରୋ-ଚାନସେଲରରୂପେ ପାଇ ଗର୍ବ ଅନୁଭବ କରୁଛି । ତାଙ୍କର ବ୍ୟକ୍ତିଗତ ଯୋଗ୍ୟତା, ବ୍ୟୁତ୍ପତ୍ତି, ଏବଂ ସେ ଯେଉଁ ବିଶିଷ୍ଟ ଶାସକ ପରିବାରର ଅଗ୍ରଣୀ, ସେ ରାଜ-ପରିବାର ଶିକ୍ଷା କାର୍ଯ୍ୟରେ



ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଥମ ସମାବର୍ତ୍ତନ ଉତ୍ସବରେ ଗୃହୀତ ଏକ ଛବି—ବାମ ପାର୍ଶ୍ୱରୁ ଯଥାକ୍ରମେ—ରେଜିଷ୍ଟ୍ରାର ବି. ବି. ରାୟ । ଭାଇସ୍‌ଚାନ୍‌ସେଲର ପରିଜା, ମହାମାନ୍ୟ ଚାନ୍‌ସେଲର—ଚାନ୍‌ସେଲରଙ୍କ ସହଧର୍ମିଣୀ—ପ୍ରୋଚାନ୍‌ସେଲର ମୟୂରଭଞ୍ଜ ମହାରାଜା ।



Digitized by srujanika@gmail.com

ଏତେକାଳ ଧରି ଯେଉଁ ଉନ୍ନତ ଆଗ୍ରହ ଦେଖାଇ ଆସିଛନ୍ତି, ଉଭୟ ଗୁଣରୁ ଏ ସ୍ଥାନ ପରିପୂର୍ଣ୍ଣ କରିବାକୁ ସେ ଏକା ବିଶେଷ ଭାବରେ ଯୋଗ୍ୟ । ଓଡ଼ିଶା ପ୍ରଦେଶ ଓ ଓଡ଼ିଶା ଦେଶୀୟରାଜ୍ୟ ଭିତରେ ଏ ମିଳନ ଓ ସହଯୋଗର ସୁପରିଣତି ଓ ଗୁରୁତ୍ୱପୂର୍ଣ୍ଣ ଭିତ୍ତି ଉପରେହିଁ ଆମେ ଆଜି ଯେଉଁ ବିଶ୍ୱବିଦ୍ୟାଳୟ ଉଦ୍‌ଘାଟନ ଉତ୍ସବ ପାଳନ କରୁଥାଉଁ ତାର ଉଜ୍ଜ୍ୱଳ ଭବିଷ୍ୟତ ଯେ ନିର୍ଭର କରେ ବୋଲି ଆମେ ଯେ ଆଶାପୋଷଣ କରୁଥାଉଁ ଏହା ବିଶ୍ୱରବା ଆମ ପକ୍ଷରେ ଯୁକ୍ତିଯୁକ୍ତ ନୁହେଁ କି ?”

ଉତ୍କଳ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ ଓ ପ୍ରଥମ କନ୍‌ଭୋକେଶନ ଉତ୍ସବରେ ଯୋଗ ଦେବାପାଇଁ ଶ୍ରୀମନ୍ ମହାରାଜା ମହୋଦୟ ଅକ୍ଟୋବର ୩୧ ତାରିଖରେ କଟକକୁ ଯାଇଥିଲେ । ସେଠାରେ ଅବସ୍ଥାନ କାଳରେ ମହାରାଜା ଲାଟ ସାହେବଙ୍କର ଅତିଥି ହୋଇଥିଲେ । ବିଶ୍ୱବିଦ୍ୟାଳୟର ସିନେଟରେ ମୟୂରଭଞ୍ଜର ପ୍ରତିନିଧି ହିସାବରେ ଦେୱାନ ସାହେବ ଓ ଶିକ୍ଷା ବିଭାଗର ସୁପରିନ୍‌ଟେଣ୍ଡେଣ୍ଟ ମଧ୍ୟ ଉକ୍ତ ଉତ୍ସବରେ ଯୋଗ ଦେଇଥିଲେ ।

## ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର

ମୟୂରଭଞ୍ଜର ଶିକ୍ଷାବିଭାଗର ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀଯୁକ୍ତ ଗୋକୁଳ ଚନ୍ଦ୍ର ଶତପଥୀ ବି. ଏ. ଅନର୍ସ (ଲଣ୍ଡନ) ଉତ୍କଳ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ରୂପେ ନଭେମ୍ବର ୧ ତାରିଖଠାରୁ ନିଯୁକ୍ତ ହୋଇ ଅଛନ୍ତି ।

## ସ୍ୱର୍ଗତ ବଡ ଲାଲ ସାହେବ

ବଡ଼ଲାଲ ସାହେବ ହରିଶଚନ୍ଦ୍ର ଭଞ୍ଜ ଦେବ ଜାନୁୟାରୀ ୭ ତାରିଖ ସକାଳ ପାଞ୍ଚଟା ସମୟରେ ବାରିପଦା ବାସ ଭବନରେ ପରଲୋକ ଗମନ କରିଅଛନ୍ତି । ସ୍ୱର୍ଗତ ଲାଲ ସାହେବଙ୍କ ପ୍ରତି ସମ୍ମାନ ପ୍ରଦର୍ଶନ ପାଇଁ ସରକାରୀ କୋଠାମାନଙ୍କରେ ଅର୍ଦ୍ଧୋତ୍ତୋଳିତ ପତାକା ଉଡୁଥିଲା ଓ ଜାନୁୟାରୀ ୮ ଓ ୯ ତାରିଖରେ କଚେରୀ, ଅଦାଲତ ଓ ଅନ୍ୟାନ୍ୟ ସରକାରୀ ଅନୁଷ୍ଠାନମାନ ବନ୍ଦ ଥିଲା । ସ୍ୱର୍ଗତ ବଡ଼ ଲାଲ ସାହେବ ବାରିପଦା ମ୍ୟୁନିସିପାଲିଟିର ପ୍ରଥମ ଚେୟାରମେନ୍ ଥିଲେ ଓ କିଛି ଦିନ ରାଜ୍ୟର ମନ୍ଦିର ପରିଚାଳନା କାର୍ଯ୍ୟ ମଧ୍ୟ ତାଙ୍କ ଉପରେ ନ୍ୟସ୍ତ ଥିଲା । ସେ ବଡ଼ ଦୟାଳୁ ଓ ଲୋକପ୍ରିୟ ଥିଲେ । ହଠାତ୍ ହୃତ୍‌ପିଣ୍ଡର କ୍ରିୟା ବନ୍ଦ ହୋଇ ତାଙ୍କର ମୃତ୍ୟୁ ଘଟିଥିଲା ।

## ଯୁଦ୍ଧୋତ୍ତର ସଂସ୍କାର

ପୁନର୍ଗଠିତ ଯୁଦ୍ଧୋତ୍ତର ସଂସ୍କାର କମିଟିର ପ୍ରଥମ ବୈଠକ ସେପ୍ଟେମ୍ବର ୧୬ ତାରିଖରେ ବସି ଥିଲା । ସମସ୍ୟାର ବିଭିନ୍ନ ଦିଗରେ କମିଟି ଆଲୋଚନା କରିଥିଲେ । ବିଭିନ୍ନ ବିଷୟରେ ସରକାରୀ ଓ ବେସରକାରୀ ସଭ୍ୟମାନଙ୍କୁ ନେଇ ନିମ୍ନଲିଖିତ ସବ୍‌କମିଟିମାନ ଗଠିତ ହେଲା—

୧। ଜଙ୍ଗଲ ସଂସ୍କାର ୨। କୃଷି ଓ ଜଳ ସରବରାହ ୩। ସାଧାରଣ ସ୍ୱାସ୍ଥ୍ୟ ଓ ପୁଷ୍ଟି ୪। ଶିକ୍ଷା ୫। ରାସ୍ତା ଘାଟ ୬। ବୈଦ୍ୟୁତିକ ଶକ୍ତି ଉତ୍ପାଦନ ଓ ଶିଳ୍ପ ୭। ଅର୍ଥ ସଂସ୍କାର ୮। ଖଣି ଏବଂ ୯। ପଲ୍ଲୀ ସଂସ୍କାର ।

କମିଟିକୁ ଦେୱାନ ସାହେବ ନିମ୍ନଲିଖିତ ବାଣୀ ପଠାଇ ଥିଲେ:—ଶ୍ରୀଯୁକ୍ତ ଏସ୍ ଏ. କକେରୀଙ୍କୁ ଓ ମୋତେ ଯଥାକ୍ରମେ ସେକ୍ରେଟେରୀ ଓ ସଭାପତି ରୂପେ ନେଇ ଗଠିତ ଯୁଦ୍ଧୋତ୍ତର ସଂସ୍କାର କମିଟିର ସୁପାରିଶ ମତେ ମୟୂରଭଞ୍ଜ ରାଜସରକାର କେତେକ ଯୁଦ୍ଧୋତ୍ତର ସଂସ୍କାର ଯୁଦ୍ଧ ସମୟ ମଧ୍ୟରେ ଆରମ୍ଭ କରିଥିବାର ଲକ୍ଷ୍ୟ କରିବା କମିଟି ପକ୍ଷରେ କମ୍ ଆତ୍ମଶ୍ଳାଘାର ବିଷୟ ନୁହେଁ । ମୋର ବିଶ୍ୱାସ ସମ୍ପ୍ରତି କମିଟିର ସଭ୍ୟମାନଙ୍କର ପରିବର୍ତ୍ତନ ଦ୍ୱାରା ଏବଂ ବେସରକାରୀ ମତର ଅଧିକତର ସମ୍ମିଶ୍ରଣ ଫଳରେ କମିଟିର କାର୍ଯ୍ୟ ବେଶି ସହଜ ଓ ଲୋକପ୍ରିୟ ହେବ । ଦିନକୁ ଦିନ ବିଜୟ ନିଶ୍ଚିତ ଭାବରେ ନିକଟବର୍ତ୍ତୀ ହେଉଁ ହେଉଁ ଯୁଦ୍ଧୋତ୍ତର ସଂସ୍କାରର ପରିସର ଆହୁରି ବଢ଼ି ଉଠିବ ଏବଂ କମିଟି ସେତେବେଳେ ଆତ୍ମବିଶ୍ୱାସ ବଳରେ ଏବଂ ଉଦ୍ଦେଶ୍ୟର ମହତ୍ତ୍ୱ ବଜାୟ୍ ରଖିବା ପାଇଁ ସମ୍ମୁଖୀନ ବିରାଟ କାର୍ଯ୍ୟ ଗୁଡ଼ିକର ଭାର ଗ୍ରହଣ କରିବେ । ମୋର ବିଶ୍ୱାସ ରହିଛି ଯେ ଯୁଦ୍ଧ ପରେ ଯେଉଁ ସଭ୍ୟତାର ଉଦୟ ହେବ ତାହା ସ୍ଥାୟୀ ରହି ଜନ ସାଧାରଣଙ୍କୁ ଆହୁରି ସୁଖୀ, ଉନ୍ନତ, ସନ୍ତୁଷ୍ଟ ଏବଂ ଅନ୍ୟାନ୍ୟ ସୁସଭ୍ୟ ଦେଶମାନଙ୍କ ସହିତ କାନ୍ଧକୁ କାନ୍ଧ ମିଳାଇ ଠିଆ ହେବା ଭଳି ଅବସ୍ଥାକୁ ଉନ୍ନୀତ କରିବ । ଏହି ଦୃଢ଼ ଧାରଣା ଆସିବା ପର୍ଯ୍ୟନ୍ତ ଆମର ସଭ୍ୟତା ଓ ସଂସ୍କୃତି ଅତୁଟ ରଖିବା ପାଇଁ ଯେଉଁ ଉତ୍ସାହ ନେଇ ଆମେ ଯୁଦ୍ଧ ଚଳାଉଅଛୁଁ ତାହା କମିବ ନାହିଁ ।



ମୟୂରଭଞ୍ଜ ଷ୍ଟେଟ ପ୍ରେସରେ ଶ୍ରୀ ପଦ୍ମଚରଣ ଦାସଙ୍କ ଦ୍ୱାରା ମୁଦ୍ରିତ ଓ ପ୍ରକାଶିତ । ୧୬-୨-୪୫—୧୨୦

# JOIN THE INDIAN AIR FORCE

The development of the Indian Air Force during the last ten years from a small band of enthusiasts to its present place of importance in the world-wide Allied effort is a story of achievement and romance

The continued expansion of the I. A. F., the excellent achievements of the Service to date, and the indisputable suitability of Indians for aviation, are sure indications that the Indian Air Force has a brilliant future before it.

From obsolete types of aircraft, the service is now equipped with some of the best and most modern in the world.

Young men from all parts of India are taking advantage of the opportunities offered to learn a business as modern as the hour, and these are the men who are really going to make India strong in the days to come.

Still more men are wanted, not only for flying jobs, but for the hundreds of skilled ground jobs which are indispensible to the efficiency of an Air Force.

The I. A. F. is pursuing the policy of commissioning as many men as possible from the ranks.

The value of such a policy does not need emphasis. All men have an equal chance, and the best men get well rewarded.

If you are a young man, or if you know one, the best advice to-day is "Join the Indian Air Force."

There is a career in it, and chances to learn such as have seldom, if ever, been offered to the youth of India before.

# A 50 PER CENT BONUS FOR OLD AGE

With an eye to the day when, weary of labours, he will want to seek the peace of retirement. the wise man regularly puts aside money for his old age. It is surprising how much a man of character can save if he sets his mind to it. And as the months pass and the total grows, saving becomes a positive pleasure.

They say that the first Rs. 500|- is the hardest to save. After that, the saver has formed a habit which will make him rich.

And here is a way to be *fifty per cent* richer than even your own efforts can make you. Each month, invest your savings in Ten Rupee National Savings Certificates. In 12 years' time, each National *Savings Certificate will be worth a guaranteed Rs. 15* giving you a free 50 per cent bonus on your old age savings. National Savings Certificates can be encashed at any time after the first three years in case of need. These Certificates are free of Income Tax and each investor can hold up to a maximum of Rs. 5,000|-.

PUT ALL YOUR SAVINGS INTO

**National Savings Certificates**

FOR PROFIT AND SAFETY.

*START TODAY!*

## BHANJA PRADEEP

It is an illustrated Oriya quarterly quite independent of the English Edition of the Mayurbhanj Chronicle.

| | | |
|---|---|---|
| Yearly Subscription | As. | 12 |
| Single Copy | | 3 |

**Postage Extra.**

*Apply to—*

**THE MANAGER,**

**STATE PRESS, BARIPADA.**

## MAYURBHANJ CHRONICLE

It is a quarterly publication, issued in October, January, April and July

| | | |
|---|---|---|
| Yearly Subscription | Rs. | 1-8 |
| Single Copy | As. | 12 |

**Postage Extra.**

*Apply to—*

**THE MANAGER,**

**STATE PRESS., BARIPADA.**


Digitized by srujanika@gmail.com

# ମୟୂରଭଞ୍ଜର

## ଶସ୍ତା ସୁନ୍ଦର ସ୍ଥାୟୀ

### ସ୍ୱଦେଶୀ ଜିନିଷମାନ କିଣନ୍ତୁ

**ମୟୂରଭଞ୍ଜର ବୁଣା କାମ**

ଅଧୁନିକ ରୁଚିସମ୍ପନ୍ନ ବିଭିନ୍ନ ପ୍ରକାର ପକ୍କା ରଙ୍ଗର ହାତକଟା, ହାତବୁଣା **ଟସର, ରେଶମ, ପଶମ ଓ ସୂତା** ନିର୍ମିତ ପଦାର୍ଥମାନ

**କୁଟୀର ଶିଳ୍ପ**

୧। ଦୀର୍ଘକାଳ ସ୍ଥାୟୀ, ସୁନ୍ଦର ଓ ମଜବୁତ **ଦରି**

୨। ଘନ ବୁଣା ଚୌକି ଗଦି ଏବଂ ବିଛଣା ଗଦି

୩। କପାସୂତାର ଗାଲିଚା ଓ ଅରଙ୍ଗା କଣ୍ଟେଇ

୪। ସ୍ଥାନୀୟ ଶିଶୁ ଓ ପିଆଶାଳ କାଠରେ ପ୍ରସ୍ତୁତ ଆଧୁନିକ ରୁଚିସମ୍ପନ୍ନ ନାନା ପ୍ରକାର ଉତ୍କୃଷ୍ଟ ଜିନିଷ

**ବନ୍ୟଜାତ ଦ୍ରବ୍ୟ**

୧। **ହାତୀଦାନ୍ତ**

୨। **ବୋଟଗଇ ଟସର**

୩। **ଶାଳ, ପିଆଶାଳ, ଶିଶୁ** ଓ ଅନ୍ୟାନ୍ୟ ମୂଲ୍ୟବାନ କାଠ

୪। ଉତ୍କୃଷ୍ଟ **କୁସୁମୀ** ଓ **ରଙ୍ଗଣୀ ଲାହା** ଓ ତହିଁରୁ ପ୍ରସ୍ତୁତ ଚଉକି ଓ ଚପଡ଼ା ଇତ୍ୟାଦି

Digitized by srujanika@gmail.com